ଶୁଖୁନି ଦାଦନ ଲୁହ

# ନିଖୋଜ ଝିଅର ଅପେକ୍ଷାରେ ଭିନ୍ନକ୍ଷମ ବାପା

**ବଲାଙ୍ଗିର, ୨୦।୩(ସମିସ)**



ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଧୀନସ୍ଥ ଗୋହିରାପଦର ଗାଁର ଜଣେ ଯୁବତୀ ମହାରାଷ୍ଟ୍ରକୁ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ସେଠାରୁ ସମ୍ପର୍କୀୟଙ୍କ ସହ ଘରକୁ ଫେରୁଥିବା ବେଳେ ୧ ମାସରୁ ଅଧିକ ଦିନ ହୋଇଥିଲେ ମଧ୍ୟ ଝିଅର କୌଣସି ପତ୍ତା ମିଳିନାହିଁ। ଏନେଇ ବଙ୍ଗୋମୁଣ୍ଡା ଥାନାରେ ଯୁବତୀଙ୍କ ବାପା ଗୋରୁଚନ ଭତ୍ରା ଅଭିଯୋଗ କରିଛନ୍ତି। ଗୋରୁଚନ ନିଜେ ଘରକୁ ଫେରି ଆସିଥିଲା ବେଳେ ଏବେ ସୁଦ୍ଧା ତାଙ୍କ ଝିଅ ନିଖୋଜ ଥିବା ସେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଗୋରୁଚନ ଭତ୍ରାଙ୍କ ଝିଅ ଯମୁନାକୁ ନେଇ ଗତ ୨୦୨୩ ଅକ୍ଟୋବରରେ ମହାରାଷ୍ଟ୍ରର ଚନ୍ଦ୍ରପୁର ଅଞ୍ଚଳକୁ ଶ୍ରମିକ କାମ କରିବାକୁ ଯାଇଥିଲେ। ସେଠାରେ ଗ୍ରାମର ସମ୍ପର୍କୀୟ ଲୋଚନ ଭତ୍ରା ଗ୍ରାମକୁ ଫେରିବାର ଜାଣିବାକୁ ପାଇ ଝିଅକୁ ସାଙ୍ଗରେ ଗାଁକୁ ନେବା ପାଇଁ ବାପା ଗୋରୁଚନ କହିଥିଲେ। ଗୋରୁଚନ ବଜାର ଯାଇଥିବା ବେଳେ ସେଠାରେ ତାଙ୍କ ବାପାଙ୍କ ଅନୁପସ୍ଥିତିରେ ଲୋଚନ ଭତ୍ରା ଆଉ ୪ ଜଣଙ୍କ ଝିଅ ଯମୁନାକୁ ସାଙ୍ଗରେ ନେଇ ଆସିଥିଲେ। ଝିଅକୁ ଲୋଚନ ଭତ୍ରା ନେଇଥିବା ଜାଣି ୮ ଦିନ ପରେ ମାଲିକଠାରୁ ଛୁଟି ନେଇ ଗାଁକୁ ଆସିଥିଲେ। ଗାଁକୁ ଆସିବା ପରେ ଝିଅ ଘରକୁ ପହଞ୍ଚି ନ ଥିଲା। ଏପରିକି ଝିଅର ପାରିଶ୍ରମିକ ମଧ୍ୟ କାମ କରୁଥିବା ସ୍ଥାନରୁ ମିଳିନାହିଁ। ଦେଢ ମାସ ହେବ ଝିଅର କୌଣସି ପତ୍ତା ମିଳି ନଥିବା ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ନିଖୋଜ ଯୁବତୀଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଛି।

୭ ବର୍ଷ ତଳେ ଗୋରୁଚନଙ୍କ ବଡପୁଅ ଶିବ ଭତ୍ରା କୌଣସି ରୋଗରେ ପୀଡିତ ହୋଇ ପ୍ରାଣ ହରାଇଥିଲେ। ଠିକ୍ ତା'ର ୩ ବର୍ଷ ପରେ ତାଙ୍କ ସାନପୁଅ ମନୁ ଭତ୍ରାଙ୍କ ମୃତ୍ୟୁ ହୋଇଥିଲା। ୨ ପୁଅଙ୍କୁ ହରାଇ ତାଙ୍କ ପତ୍ନୀ ରୁକ୍ମଣୀ ଭତ୍ରା ଚିନ୍ତାଗ୍ରସ୍ତ ହୋଇ ସେ ମଧ୍ୟ ଶରୀର କ୍ଷୀଣ ହେବା ସହ ପ୍ରାଣ ହରାଇଥିଲେ। ତେବେ ଜଣେ ବିକଳାଙ୍ଗ ବାପା ଯିଏ କି କାନରେ ଶୁଣି ପାରନ୍ତି ନାହିଁ ତାଙ୍କ ସାହା ଭରସା ଥିବା ଗୋଟିଏ ମାତ୍ର ଝିଅ ଯମୁନା ଭତ୍ରା ନିଖୋଜ ହେବା ନିଶ୍ଚିତ ଭାବରେ ଦୁଃଖଦ ଘଟଣା ଅଟେ। ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଏହି ନିଖୋଜ ଘଟଣାକୁ ଗୁରୁତର ଭାବରେ ନେବାକୁ ସାଧାରଣରେ ଦାବି ହେଉଛି।

# ରାମ ମନ୍ଦିରର ଶୁଭକୁମ୍ଭ ସ୍ଥାପନକଲେ ବିଧାୟକ

**ପାଟଣାଗଡ଼, ୨୦।୩ (ସମିସ):** ପାଟଣାଗଡ଼ ବ୍ଲକ ଦେଉଳଗାଁ ଗ୍ରାମରେ ନୂତନ ରାମ ମନ୍ଦିର ନିର୍ମାଣ ପାଇଁ ବୁଧବାର ପାଟଣାଗଡ଼ ବିଧାୟକ ସରୋଜ ମେହେର ଶୁଭକୁମ୍ଭ ସ୍ଥାପନ କରିଛନ୍ତି। ଏହି ଅବସରରେ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀଙ୍କ ସହ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେଥିଲେ। ଶୁଭକୁମ୍ଭ ସ୍ଥାପନ ଅବସରରେ ଗ୍ରାମରେ ଏକ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହେବା ସହ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।



# ଟିଟିଲାଗଡ଼ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ଟିଟିଲାଗଡ ୨୦।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇ ସାରିଥିବା ବେଳେ ଏହି ପରିପ୍ରେକ୍ଷୀରେ ପୁଲିସ ପକ୍ଷରୁ ସହର ମଧ୍ୟରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବାକୁ ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଟିଟିଲାଗଡ ଏସଡିପିଓ ଅଙ୍କିତା କୁମ୍ଭାରଙ୍କ ଅଧକ୍ଷତାରେ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଥାନା ପରିସରରୁ ପୁଲିସର ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ସହରର ମଧ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପ୍ରାଥମିକତା ଦେବା ସହ ଅପରାଧିକ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯିବା ନେଇ ଏସଡିପିଓ ଅଙ୍କିତା କୁମ୍ଭାର ସୂଚନା ଦେଇଛନ୍ତି।



# ଭୋପାଳକୁ ଗଞ୍ଜେଇ ଚାଲାଣ; ଅଭିଯୁକ୍ତ ଗିରଫ



**ଟିଟିଲାଗଡ଼, ୨୦।୩(ସମିସ):** ଗଞ୍ଜେଇ ଚାଲାଣର ହବ୍ ପାଲଟିଛି ଟିଟିଲାଗଡ ସହର। ଟିଟିଲାଗଡ଼ ରେଳ ଷ୍ଟେସନ୍ ଏଥିପାଇଁ ଏକ ମୁଖ୍ୟ କେନ୍ଦ୍ରସ୍ଥଳ ତଥା ସୁବିଧା ମାଧ୍ୟମ ମଧ୍ୟ ରହିଛି। ଏହାମଧ୍ୟରେ ଟିଟିଲାଗଡ ଆରପିଏଫ୍ ଓ ଅବକାରୀ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଭୋପାଳକୁ ଚାଲାଣ ହେବାକୁ ଥିବା ଗଞ୍ଜେଇ ଜବତ କରାଯାଇଛି। ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ସେ ହେଲା କଳାହାଣ୍ଡି ଜିଲ୍ଲା ରାମପୁର ଥାନା ଅନ୍ତର୍ଗତ ଦରମ୍ଭା ଗ୍ରାମର ଗୋବିନ୍ଦ ନାୟକ (୨୪)। ପ୍ଲାଟଫର୍ମ ନଂ ୩ରେ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ସହ ସମତା ଏକ୍ସପ୍ରେସ ଟ୍ରେନ ଯୋଗେ ଭୋପାଳ ଯିବାକୁ ପ୍ରତୀକ୍ଷା କରିଥିବା ବେଳେ ଉଭୟ ପୁଲିସର ମିଳିତ ଟିମ୍ ଚଢଉ କରିଥିଲେ। ଯାଞ୍ଚ ସମୟରେ ୧୨ କେଜି ୨୦୦ ଗ୍ରାମ ଗଞ୍ଜେଇ ବାହାରିଥିଲା। ତାକୁ ଜବତ କରାଯିବା ସହ ଗୋବିନ୍ଦକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନାଧିକାରୀ ଆଶିଷ ବେହେରା ସୂଚନା ଦେଇଛନ୍ତି। ନିୟମିତ ବ୍ୟବଧାନରେ ଉଭୟ ରେଳ ଷ୍ଟେସନ ପରିସରରୁ ଏବଂ ସଡ଼କ ପଥ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଘଟଣା ସାମ୍ନାକୁ ଆସୁଛି। ଗଞ୍ଜେଇ ମାଫିଆମାନେ ଟିଟିଲାଗଡ ସହର ଦେଇ ଗଞ୍ଜେଇ ଚାଲାଣକୁ ନିରାପଦ ମଣି କାୟା ବିସ୍ତାର କରୁଛି।

କଣ୍ଟାବାଞ୍ଜି ଜେଏମ୍‌ଜେ ଘରୋଇ ସ୍କୁଲ

# ଛାତ୍ରଛାତ୍ରୀଙ୍କୁ ଚଢ଼ାଦରରେ ବହି ବିକ୍ରି ଅଭିଯୋଗ

**କଣ୍ଟାବାଞ୍ଜି, ୨୦।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ବର୍ତ୍ତମାନ ସମୟରେ ଘରୋଇ ସ୍କୁଲରେ ଏକଛତ୍ରବାଦ ଶାସନ ଭଳି ନିୟମ କାନୁନ କରାଯାଉଥିବା ଅଭିଯୋଗ ହେଉଛି। ସରକାର ଯାହା ନିୟମ କରୁଛନ୍ତି ସେହିସବୁ ନିୟମକୁ ଠିକ ଭାବେ ପାଳନ କରୁନାହାନ୍ତି ବେସରକାରୀ ସ୍କୁଲ କର୍ତ୍ତୃପକ୍ଷ। ଏହି ଭଳି ଅନେକ ସମୟରେ ଅବିଭାବକମାନେ ଅଭିଯୋଗ କରୁଛନ୍ତି। ଉତ୍ତମ ଶିକ୍ଷା ପାଇବା ଆଶାରେ ଅବିଭାବକମାନେ ନିଜର ଶିଶୁଙ୍କୁ ଘରୋଇ ସ୍କୁଲରେ ପାଢ ପଠାଉଛନ୍ତି। ହେଲେ ଘରୋଇ ସ୍କୁଲରେ ମିଳୁଥିବା ପୁସ୍ତକଠୁ ଆରମ୍ଭ କରି ପୋଷାକ ଯାଏ ସବୁ ବଜାର ମୂଲ୍ୟରୁ ୧୦ ଗୁଣା ଅଧିକ ମୂଲ୍ୟରେ ବିକ୍ରି କରୁଥିବା ଅଭିଯୋଗ ହେଉଛି।

କଣ୍ଟାବାଞ୍ଜି ସହରରେ ପ୍ରାୟ ୬ଟି ଘରୋଇ ସ୍କୁଲ ରହିଛି। ଏହି ଘରୋଇ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ସ୍କୁଲଠାରୁ ବହି କିଣି ନେବା ପାଇଁ ବାଧ କରାଯାଉଛି। ଏଭଳି ଘଟଣା ଦେଖିବାକୁ ମିଳୁଛି କଣ୍ଟାବାଞ୍ଜି ଜେଏମଜେ ଘରୋଇ ସ୍କୁଲରେ। କେହି ଗରିବ ଛାତ୍ର ଛାତ୍ରୀ ଯଦି ପୁରୁଣା ବହି ନେଇ ପଢ଼ିବା ପାଇଁ ଚାହୁଁଛି ତା ହେଲେ ତାହାକୁ ସ୍କୁଲରୁ ନୂଆ ବହି କିଣି ନେବା ପାଇଁ ବାଧ କରାଯାଉଛି। ସ୍କୁଲରେ ଯଦି ଅନଲାଇନରେ ଟଙ୍କା ପୈଠ କରିବାକୁ ଚାହିଁବେ ତା'ହେଲେ ଅନଲାଇନ୍ ନେବା ପାଇଁ ମନା କରୁଛନ୍ତି। ଜେଏମଜେ ସ୍କୁଲରେ ସିଧାସଳଖ କାଉଣ୍ଟରରେ ନଗଦ ଟଙ୍କା ଦେବାକୁ କୁହାଯାଉଛି। ଏଥିରୁ ଘରୋଇ ସ୍କୁଲ ଟିକସ ଫାଙ୍କୁଥିବା ସନ୍ଦେହ ହେଉଛି। କମ ଦାମରେ ବହି କିଣି ୧୦





ଗୁଣା ଅଧିକ ଦାମ୍ ରେ ଛାତ୍ରଛାତ୍ରୀଙ୍କୁ ବହି ବିକ୍ରି କରି ଅଧିକ ଲାଭ ନେବା ସହ ଛାତ୍ରଛାତ୍ରୀଙ୍କୁ ଶୋଷଣ କରାଯାଉଛି ଅଭିଯୋଗ ହେଉଛି। ଏଭଳି ମନମୁଖୀ ଟଙ୍କା ଆଦାୟ ପାଇଁ ଅବିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ତେବେ ଏନେଇ ଜେଏମଜେ ସ୍କୁଲ ପ୍ରିନ୍ସିପାଲ କିରଣ ବାଙ୍କୁ ଯୋଗାଯୋଗ କରିଥିଲୁ କିନ୍ତୁ ତାଙ୍କ ପ୍ରତିକିୟା ମିଳି ପାରି ନାହିଁ। ରାଜ୍ୟ ଶିକ୍ଷା ବିଭାଗ ଏଥିପ୍ରତି ଧ୍ୟାନ ଦେଇ ଏହି ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଅବିଭାବକମାନେ ନିବେଦନ କରିଛନ୍ତି।

# ରୋତ୍ କଲେଜରେ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବଲାଙ୍ଗିର,୨୦।୩(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଦ୍ୱାରା ପ୍ରାୟୋଜିତ ଏକ ତିନିଦିନିଆ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଗତ ୧୭ ତାରିଖରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ କଳାହାଣ୍ଡିର ଏଭରେଷ୍ଟ ଶୃଙ୍ଗ ଆରୋହୀ ଯୋଗବ୍ୟାସ ଭୋଇ ମୁଖ୍ୟଅତିଥି, ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି କାହ୍ନୁଚରଣ ଦର୍ଜି ମୁଖ୍ୟବକ୍ତା, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ସୁମନ୍ତ କେରକେଟ୍ଟା ଓ ବଲାଙ୍ଗିର ଜିଲ୍ଲାର ସଂଯୋଜକ ଡ. ଅଜିତ ଭୋଇ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ। ତିନି ଦିନ ଧରି ଚାଲିଥିବା ଏହି ଶିବିରର ବିଭିନ୍ନ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ନେତୃତ୍ୱ ବୃଦ୍ଧି ସଂପର୍କରେ ଯୋଗବ୍ୟାସ ଭୋଇ, କାହ୍ନୁଚରଣ ଦର୍ଜି, ଅଜିତ ଭୋଇ, ଲୋଇସିଂହାର ଯୋଗ ପ୍ରଶିକ୍ଷକ ଜ୍ୟୋତିପ୍ରକାଶ ସାହୁ, ଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ସାର୍ଥକ ରଥ, ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ ଡ. ପ୍ରମୋଦ ବାଗ, ଆଗଲପୁର ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ପଧାନ ଓ ସାଥୀ, ଅଧ୍ୟାପକ ନୀଳାମ୍ବର ବାରିକ ପ୍ରକୃତି ବିଭିନ୍ନ ଶୀର୍ଷକ ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରଥଙ୍କ ସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ସଂଯୋଜିକା ଡ. ପ୍ରିୟଙ୍କା ଚକ୍ରବର୍ତ୍ତୀ, ବଲାଙ୍ଗିର ପଥରଚେପା ଓଏଭି ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ଯୋଗଦାନ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ବକ୍ତୃତା, ପ୍ରବନ୍ଧ ଲିଖନ, କମେଡି ଓ ରଙ୍ଗୋଲି ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଦୈତାରୀ ଶବର, ସହଅଧିକାରୀ ଡ. ରଶ୍ମିଲତା ମହାନନ୍ଦ, ଅଧ୍ୟାପକ ଆର୍ଯ୍ୟେନ୍ଦୁ ମେହେର, ଡକ୍ଟର ଭୂରିଶ୍ରବା ମାଝୀ, ଡ. ଲିଙ୍ଗରାଜ ମେହେର, ଶାନ୍ତନୁ ପାଢୀ, ବାମଦେବ ମେହେର, ନରେଶ ପଟେଲ, ସୁମିତ ପଟେଲଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, କର୍ମଚାରୀ ଓ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।





# ୨ ବାଇକ୍ ମୁହାଁମୁହିଁ; ୩ ଆହତ

**ତୁରେକେଲା, ୨୦।୩(ସମିସ):** ତୁରେକେଲା ଥାନା ଅନ୍ତର୍ଗତ ବଡବାଙ୍କି ଗାଁରୁ ମୁରିବାହାଲ ଯିବା ରାସ୍ତାରେ ୨ ବାଇକ ମୁହାଁମୁହିଁ ହୋଇଥିବା ବେଳେ ୩ ଜଣ ଗୁରତର ହୋଇଛନ୍ତି। ଗୁରୁତର ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଜରିଆରେ ତୁରେକେଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇ ଆସିଥିଲେ। ସୂଚନା ଅନୁସାରେ, ବଡବାଙ୍କି ଗାଁର ଚରଣ ବାର୍ବିଆ (୫୪) ତାଙ୍କ ସମ୍ପର୍କୀୟଙ୍କ ସହ ମୁରିବାହାଲ ପଟୁ ଫେରୁଥିବା ବେଳେ ବଡବାଙ୍କିରୁ ଯାଉଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କ ମଧ୍ୟରେ ଚରଣ ବାର୍ବିଆଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଧନେଶ୍ୱର ମାଝୀଙ୍କ ମୁଣ୍ଡରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟ ଜଣେ ମହିଳାଙ୍କ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ସୂଚନା ମିଳିଛି।



■ ବଡ଼ମାଲ ଗୋଳାବାରୁଦ କାରଖାନାରେ ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗ

# ନିଯୁକ୍ତି ସମ୍ପର୍କିତ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ

**ବଲାଙ୍ଗିର, ୨୦।୩(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ବଡମାଲଠାରେ ଅବସ୍ଥିତ ଗୋଳାବାରୁଦ କାରଖାନରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ପ୍ରସଙ୍ଗରେ ମଙ୍ଗଳବାର ଶୁଣାଣି କରିଛନ୍ତି ହାଇକୋର୍ଟ। ନିଯୁକ୍ତି ସମ୍ପର୍କିତ ନଥିପତ୍ର ପରବର୍ତ୍ତୀ ଶୁଣାଣୀ ଦିନ ଦାଖଲ କରିବାକୁ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ଶୁଣାଣି ପାଇବା ପରେ ନ୍ୟାୟ ଆଶାରେ ଦଶନ୍ଧୀ ଧରି ଲଢେଇ ଜାରି ରଖିଥିବା ଆଶାୟୀଙ୍କ ମଧ୍ୟରେ ଆଉଥରେ ଆଶାର କିରଣ ଦେଖାଯିବା ସହିତ ଖୁସି ପ୍ରକାଶ ପାଇଛି।

ବେକାରୀ ଯୁବ ସଂଗଠନର ସଦସ୍ୟଙ୍କ କହିବାନୁସାରେ, ବଡମାଲ ଗୋଳାବାରୁଦ କାରଖାନା ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ଦେବା ସମୟରେ ସ୍ଥାନୀୟ ଯୁବକଙ୍କ ନିଯୁକ୍ତିକୁ ପ୍ରାଧାନ୍ୟ ଦିଆଯିବ ବୋଲି ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ୧୯୯୭ରେ ନିଯୁକ୍ତି ପ୍ରକାଶ ପାଇଥିଲା। ଗୋଳାବାରୁଦ କାରଖାନାରେ ଡେଞ୍ଜର ବିଲ୍ଡିଂ ୱାର୍କର (ଡିବିଡବ୍ଲୁ) ପଦପାଇଁ ବଲାଙ୍ଗିର ଜିଲ୍ଲାର ଯୁବକମାନେ ଏମ୍ପ୍ଲୋଏମେଣ୍ଟ ଏକ୍ସଚେଞ୍ଜ ଅଫିସରେ ଆବେଦନ କରିଥିଲେ। ହେଲେ ଉପକୂଳ ଅଞ୍ଚଳର ଯୁବକମାନେ ନକଲି ଆବାସିକ ପ୍ରମାଣପତ୍ର ବା ଫେକ ରେସିଡେନ୍ସିଆଲ ସାର୍ଟେଫିକେଟ ତିଆରି କରି ଚାକିରି ହାତେଇଥିଲେ। ଚାକିରି ପାଇଁ ଆବେଦନ କରିଥିବା ଯୁବକମାନେ ଏହାର ବିରୋଧରେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ପରେ ଏକ ଟିମ ଗଠନ କରି ଯାଞ୍ଚ କରାଯାଇଥିଲା। ସେଥିରେ ୧୪ ଜଣ ଯୁବକ ନକଲି ପ୍ରମାଣପତ୍ର ତିଆରି କରି ଦାଖଲ କରିଥିବା ଜଣାପଡ଼ିଥିଲା। ଗୋଳାବାରୁଦ କାରଖାନା କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ ମିଳିତ ଭାବରେ ଏହାର ତଦନ୍ତ କରିଥିଲେ। କାରଖାନା କର୍ତ୍ତୃପକ୍ଷ ତାଙ୍କର ଦୋଷ ଲୁଚାଇବାକୁ ଯାଇ ନକଲି ପ୍ରମାଣପତ୍ର ତିଆରି କରିଥିବା ଯୁବକଙ୍କୁ ଚାକିରିରୁ ବାହାର କରିବା ପରିବର୍ତ୍ତେ ଆହୁରି ୭୪ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ଥରେ ନୁହେଁ ଦୁଇଥର ଯାଞ୍ଚ ହେବା ପରେ ମଧ୍ୟ ସତ୍ୟତା ସାମ୍ନାକୁ ଆସିପାରିଲା ନାହିଁ। ନ୍ୟାୟ ଆଶାରେ ସେହି ଯୁବକମାନେ ବଲାଙ୍ଗିର ଜିଲ୍ଲା ବେକାରୀ ଯୁବ ସଂଗଠନ ନାମରେ ଏକ ହୋଇ ଲଢେଇ ଜାରି ରଖିଛନ୍ତି। ଇତିମଧ୍ୟରେ ଘଟଣାକୁ ଦୁଇ ଦଶନ୍ଧୀରୁ ଅଧିକ ସମୟ ବିତିଛି। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଂଘର୍ଷ କରୁକରୁ ଜଣକର ମୃତ୍ୟୁ ହୋଇଛି। ହାଇକୋର୍ଟରେ ମାମଲା ବିଚାରାଧୀନ ରହିଥିବାବେଳେ ଗତ ମଙ୍ଗଳବାର ଏହାର ଶୁଣାଣି ହୋଇଥଲା। ଏହି ମାମଲାର ଶୁଣାଣିରେ ବଲାଙ୍ଗିର ଜିଲ୍ଲାପାଳ ଓ କାରଖାନା ମ୍ୟାନେଜର ବ୍ୟକ୍ତିଗତ ଭାବରେ ହାଜର ହୋଇଥିଲେ। ଆସନ୍ତା ଏପ୍ରିଲ ୧୦ ତାରିଖ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଥିବାବେଳେ ନିଯୁକ୍ତି ସମ୍ପର୍କିତ ସମସ୍ତ ନଥିପତ୍ର ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଖବର ପ୍ରକାଶିତ ହେବା ପରେ ନ୍ୟାୟଆଶା ରଖିଥିବା ଯୁବକଙ୍କ ମନରେ ପୁଣିଥରେ ଆଶା ସଞ୍ଚାର ହୋଇଥିବା ବେକାରୀ ଯୁବ ସଂଗଠନର ସଭାପତି ଲଳିତ କୁମାର ମହାନନ୍ଦ ପ୍ରକାଶ କରିଛନ୍ତି।

# ଅଦିନିଆ ବର୍ଷାରେ ଭୁଶୁଡ଼ିଲା ଘର

**ତୁରେକେଲା,୨୦।୩(ସମିସ):** ପ୍ରକୃତିର ତାଣ୍ଡବଲୀଳା ଅଦିନିଆ ବର୍ଷା। ଭାଙ୍ଗିଲା ଘର। ଏହିଭଳି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଝରଣୀ ପଞ୍ଚାୟତ ଅଧୀନସ୍ଥ ରାଉତମୁଣ୍ଡା ଗାଁରେ। ଗାଁର ଲତା ମାଝିଙ୍କ ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଗତ ମଙ୍ଗଳବାର ରାତି ତୁରେକେଲା ବ୍ଲକ ଅଞ୍ଚଳରେ ଭୀଷଣ ବର୍ଷା ଏବଂ କୁଆ ପଥର ମାଡ ହୋଇଥିଲା। ଏହି ଅଦିନିଆ ବର୍ଷାରେ ଲତା ମାଝିଙ୍କ ପରିବାର ଏବେ ବେସାହାରା ହୋଇ ପଡିଛନ୍ତି। ବର୍ତ୍ତମାନ ଦୁହେଁ ସ୍ୱାମୀ-ସ୍ତ୍ରୀ ଓ ଦୁଇ ଝିଅଙ୍କୁ ନେଇ ପାଖରେ ଥିବା ତାଙ୍କ ଭଣଜା ଘରେ ଆଶ୍ରୟ ନେଇଛନ୍ତି। ଅନେକ ଥର ସେ ଆବାସ ଘର ପାଇବା ପାଇଁ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି କିନ୍ତୁ ତାଙ୍କୁ ଘର ଖଣ୍ଡେ ମିଳି ନାହିଁ। ଦୀର୍ଘ ୨୫ ବର୍ଷ ହେବ ତାଙ୍କ ପରିବାର ରାଉତମୁଣ୍ଡାରେ ଏକ ଚାଲ ଛପର ଘର କରି ଜୀବନଯାପନ କରୁଛନ୍ତି। ଯଥାଶୀଘ୍ର ବଲାଙ୍ଗିର ଜିଲ୍ଲା ପ୍ରଶାସନ ତାଙ୍କୁ ସରକାରୀ ସହାୟତ ଯୋଗାଇ ଦେବାକୁ ଗାଁ ଲୋକେ ନିବେଦନ କରିଛନ୍ତି।



ପୁଇଁତଲା ବ୍ଲକ୍ କର୍ତ୍ତୃପକ୍ଷଙ୍କ ଅବହେଳା

# କଳାକାରଙ୍କୁ ମିଳୁନି ପାରିଶ୍ରମିକ, ବଢୁଛି ଅସନ୍ତୋଷ

**ବଲାଙ୍ଗିର/ମହିମୁଣ୍ଡା, ୨୦।୩(ସମିସ)**

ସରକାରୀ ଯୋଜନା, ସରକାରୀ ପ୍ରକଳ୍ପର ସୁଫଳ ଲୋକେ କେମିତି ପାଇବେ ସେ ଦିଗରେ ଚେଷ୍ଟିତ ଅଛନ୍ତି ରାଜ୍ୟ ସରକାର। ଯୋଜନା ପ୍ରଣୟନ କରିବା ପରେ ସେ ସମ୍ପର୍କିତ ସମସ୍ତ ସୂଚନା ଲୋକଙ୍କ ଅବଗତି ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଥିବାବେଳେ କଳାକାରମାନେ ସୂଚନାର ବାର୍ତ୍ତାବହ ସାଜିଛନ୍ତି। ଗାଁ ଗାଁ ବୁଲି, ନାଚଗୀତ କରି ଲୋକଙ୍କୁ ସଚେତନ କରୁଛନ୍ତି। ହେଲେ ସେହି କଳାକାରଙ୍କୁ ତାଙ୍କର ପାରରିଶ୍ରମିକ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଏଭଳି ଅବହେଳାକୁ ନେଇ କଳାକାରଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି।

ପ୍ରକାଶ ଯେ ଗତ ମାସରେ ବଲାଙ୍ଗିର ଜିଲ୍ଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସଚେତନତାମୂଳକ କାର୍ଯ୍ୟକ୍ରମ ମାନ କରାଯାଉଥିଲା। ଲୋକଙ୍କ ପାଇଁ ସରକାରଙ୍କ କଣ ସବୁ ଜନକଲ୍ୟାଣକାରୀ ଯୋଜନା ରହିଛି ତାହା ଗୀତ, ନାଚ, ନାଟକ ମାଧ୍ୟମରେ କଳାକାରମାନେ ଲୋକଙ୍କୁ ବୁଝାଉଥିଲେ। ଏଥିପାଇଁ ସେମାନେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ହେଲେ କାର୍ଯ୍ୟକ୍ରମ ସରିବା ପରେ ବିଭାଗୀୟ ଅବହେଳାର ଶିକାର ହୋଇଛନ୍ତି କଳାକାର। ମାସେ ବିତିଯାଇଥିଲେ ହେଁ ସେମାନଙ୍କୁ ତାଙ୍କର ପାରିଶ୍ରମିକ ପ୍ରଦାନ କରାଯାଇନାହିଁ। କଳାକାରଙ୍କ କହିବାନୁସାରେ, ସେମାନେ ବିଲ ଭାଉଚର ସବୁ ପ୍ରଦାନ କରିଛନ୍ତି। କିନ୍ତୁ କାହିଁକି କଳାକାରଙ୍କ ପାଉଣା ପ୍ରଦାନ କରାଯାଉନାହିଁ ତାହା ବୁଝାପଡୁନାହିଁ। ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର କହିଥିଲେ ଯେ ବିଡିଓ ମାନଙ୍କ ନିକଟକୁ ଅନୁଦାନ ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ କରିଥିବା କଳାକାରଙ୍କୁ ସେମାନେ ପରିଶ୍ରମିକ ଦେବା କଥା; ତେବେ ପାରିଶ୍ରମିକ ପ୍ରଦାନ କରିବାରେ କେଉଁଠି କେଁ ରହିଲା ତାହା ଏବେ ବଡ ପ୍ରଶ୍ନ ହୋଇଛି।



## ସେମାନଙ୍କ ମୁହଁରୁ..

ଉଦିଆଁତରା ସାଂସ୍କୃତିକ ଅନୁଷ୍ଠାନ ଏବଂ ରାଧାକୃଷ୍ଣ ସଂକୀର୍ତ୍ତନମଣ୍ଡଳୀର ମିଳିତ ଆନୁକୂଲ୍ୟରେ ପୁଇଁତଲା ବ୍ଲକ ଛତାମକନା ପଞ୍ଚାୟତର କନ୍ଧପାଲି, ପଢ଼ିଆବାହାଲ, ଶଙ୍କରଭୋଜି, ଛତାମଖନା, ଲାଦେରବାହାଲ, ବେଲବାହାଲି ଗ୍ରାମରେ ୧୦ ଦିନ ଧରି କାର୍ଯ୍ୟକ୍ରମ କରିଛୁ। ବ୍ଲକ ବିଏସଏସଓ କଳ୍ପନା ମେଡମଙ୍କୁ ଦେଇଥିଲି କିନ୍ତୁ ବର୍ତ୍ତମାନ ସୁଦ୍ଧା ମୁଁ ଓ ମୋ କଳାକାରଙ୍କ ପାରିଶ୍ରମିକ ପାଇନାହିଁ।

**ପଦାର୍ଥ ନନ୍ଦ, ଉଦିଆଁତରା ସାଂସ୍କୃତିକ ସଂଗଠନ**

ସ୍ୱସ୍ତିକ ଅନୁଷ୍ଠାନ ତରଫରୁ ଆଟଗାଁ ପଞ୍ଚାୟତର ସିଲେଟପଡ଼ା, ଓଡିଆପାଲି, କାଲିଝରନ, ସାନବୁର୍କାବାହାଲ, ଆଟଗାଁଠାରେ ୫ ଦିନ ଧରି କାର୍ଯ୍ୟକ୍ରମ କରିଥିଲୁ। ମୋ ଅନୁଷ୍ଠାନରେ ୮ ଜଣ କଳାକାର ରହିଥଲେ। ବିଲ୍ ତିଆରି କରି ବ୍ଲକରେ ଦେଇଛୁ। ହେଲେ ବର୍ତ୍ତମାନ ସୁଦ୍ଧା ପାରିଶ୍ରମିକ ପାଇନାହୁଁ। ମୋ ସାଥୀ କଳାକାରଙ୍କୁ କ'ଣ ଉତ୍ତର ଦେବି ବୁଝିପାରୁନି।

**କୈଳାସ ନନ୍ଦ, ସ୍ୱସ୍ତିକ ସାଂସ୍କୃତିକ ଅନୁଷ୍ଠାନ**

ମା' ଅନୁଷ୍ଠାନ ତରଫରୁ ଦଶପୁର ପଞ୍ଚାୟତରେ ନାଇକେନପାଲି, କୁଟେନପାଲି, ସୁର୍ଡା, ମେଣ୍ଢିପାଲି ଗାଁରେ ୫ ଦିନ ଧରି କାର୍ଯ୍ୟକ୍ରମ କରିଥିଲୁ। ଆମ ଅନୁଷ୍ଠାନର ୮ ଜଣ କଳାକାର ସାମିଲ ଥିଲେ। କାର୍ଯ୍ୟକ୍ରମ ସରିବା ପରେ ଆମେ ବିଲ୍ ପ୍ରସ୍ତୁତ କରି ନୋଡାଲ ଅଫିସର ନବୀନ ବେହେରାଙ୍କୁ ପ୍ରଦାନ କରିଥିଲୁ। ବର୍ତ୍ତମାନ ସୁଦ୍ଧା ଆମର ପାରିଶ୍ରମିକ ମିଳିନାହିଁ। ବ୍ଲକର ଅବହେଳା ପାଇଁ ଆମେ ଆମ କଳାକାରଙ୍କ ସହିତ ଅବିଶ୍ୱାସୀ ହେଉଛୁ।

**ମକାରୁ କୁଅଁର, ମାଁ ଅନୁଷ୍ଠାନ**

## ■ ସୋନପୁର ବ୍ଲକ୍ ଛକ

# ସୂଚନାଫଳକ ନ ଥିବାରୁ ଚାଳକ ବାଟବଣା



**ସୋନପୁର, ୨୦।୩(ସମିସ):** ସୋନପୁର ସହରରେ କୋଟି କୋଟି ଟଙ୍କାର ନର୍ମାଣ କାମ ହେଉଛି। ୧ ମାସ ମଧରେ ବହୁତଳ କୋଠା ନିର୍ମାଣ ହୋଇ ପାରୁଛି; କିନ୍ତୁ ସାମାନ୍ୟ ବୁଦ୍ଧିମତାର ଅଭାବରୁ ଲୋକଙ୍କ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ମହାନଦୀ ବ୍ରିଜ୍‌ଠୁ ତେଲନଦୀ ବ୍ରିଜ୍ ଯାଏଁ ପ୍ରଶସ୍ଥ ରାସ୍ତା ନିର୍ମାଣ ହେଲା। ସୋନପୁରର ବ୍ୟସ୍ତ ବହୁଳ ବ୍ଲକ ଛକକୁ ନୂଆ ରୂପରେ ନିର୍ମାଣ କରି ଷ୍ଟିଲ୍ ଫ୍ରେମ୍ ଲଗାଗଲା; ହେଲେ ବହୁ ଟଙ୍କା ଖର୍ଚ୍ଚ ହୋଇ ବହୁ ଉନ୍ନୟନ ମୂଳକ କାମ କରାଯାଇ ଥିଲେ ମଧ ବ୍ଲକ ଛକରେ ଏକ ସୂଚନା ଫଳକ ଟିଏ ଲାଗି ପାରିଲା ନାହିଁ। ଏହା ଫଳରେ ଗନ୍ତବ୍ୟ ସ୍ଥାନର ଦିଗ ଜାଣି ନ ପାରି ଲୋକଙ୍କୁ ଛକର ଏପଟ ସେପଟ ବୁଲିବାକୁ ପଡୁଛି। ତେବେ ସବୁଠୁ ଅଧିକ ହଇରାଣ ହେଉଛନ୍ତି ଟ୍ରକ୍ ଚାଳକ। ଟ୍ରାଫିକକୁ ଆସି ରାସ୍ତା ପଚାରି ଏମାନେ ସମସ୍ୟାରେ ପଡୁଛନ୍ତି। ଗାଡି ବୁଲାଇବାକୁ ଆଗକୁ ଯିବାକୁ ପଡୁଛି। ବ୍ୟସ୍ତ ବହୁଳ ଛକରେ ବହୁ ସମୟ ଯାଏଁ ଗାଡି ବୁଲାଇବା ବେଳେ ଦୁର୍ଘଟଣା ଆଶଙ୍କା ରହୁଛି। ବେଳେ ବେଳେ ବଡ ଲମ୍ବା ଟ୍ରକ୍ ବୁଲାଇବା ବେଳେ ପାର୍ଶ୍ୱରେ ଥିବା ଦୋକାନରେ ବାଡେଇ ହୋଇ ଯାଉଛି। ତେବେ ଏହି ଛକ ହେଉଛି ବଲାଙ୍ଗିର-ଖୋର୍ଦ୍ଧା ଜାତୀୟ ରାଜପଥରେ ସୋନପୁର ସହରର ପ୍ରବେଶ ପଥ। ସେହିପରି ଏହି ଛକ ଦେଇ ସୋନପୁର-ବରଗଡ଼ ଏବଂ ସୋନପୁର-ସମ୍ବଲପୁର ସଂଯୋଗ କରୁଛି। ଏବେ ବଲାଙ୍ଗିର ପଟୁ ସମ୍ବଲପୁର ଏବଂ ଝାରସୁଗୁଡାକୁ ଯାଉଥିବା ବହୁ ଟ୍ରକ୍ ସୋନପୁର ଦେଇ ଯାଉଛି। ସେହିପରି ସମ୍ବଲପୁର-ଅନୁଗୋଳ-ଭୁବନେଶ୍ୱର ରାସ୍ତା କାମ ଜାରି ରହିଥିବାରୁ ସମ୍ବଲପୁର ପଟୁ ମଧ ଶହ ଶହ ଟ୍ରକ୍ ବ୍ଲକ ଛକ ଦେଇ ଭୁବନେଶ୍ୱର ପଟକୁ ଯାଉଛି। ଛତିଶଗଡ଼ରୁ ପରିବା ବୋଝେଇ ଗାଡି ସବୁ ଏହି ରାସ୍ତା ଦେଇ ଭୁବନେଶ୍ୱର, କଟକ ଯାଉଛି। ତେଣୁ ଛକରେ ଭୁବନେଶ୍ୱର, ବଲାଙ୍ଗିର, ସମ୍ବଲପୁରର ଦିଗ ନେଇ କୌଣସି ସୂଚନା ନ ଥିବାରୁ ଯାତ୍ରୀ ବା ଗାଡ଼ି ଚାଳକ ହଇରାଣ ହେଉଛନ୍ତି।



ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ବିଶ୍ୱ ମୁଖ ଗହ୍ୱର ଦିବସ ପାଳନ ଅବସରରେ ମଞ୍ଚାସୀନ ସ୍ୱାସ୍ଥ୍ୟବିଭାଗର ଅଧିକାରୀ।

## ନର୍ଲା ସହର ରାସ୍ତା ପ୍ରଶସ୍ତୀକରଣ

# ସମନ୍ୱୟ ଅଭାବରୁ କାମ ହେଉନି

**ନର୍ଲା, ୨୦।୩(ସମିସ)**

ଗ୍ରାମାଞ୍ଚଳ ରାସ୍ତା ଗୁଡ଼ିକର ଭିତ୍ତିଭୂମି ବିକାଶ ଓ ନୂଆ ରାସ୍ତା ନିର୍ମାଣ ପାଇଁ ଅନେକ ଯୋଜନା ପ୍ରସ୍ତୁତ ହେଉଛି; ହେଲେ ନର୍ଲା ସହର ରାସ୍ତା ପ୍ରଶସ୍ତୀକରଣ ହେଉନି। ଏହି ରାସ୍ତାର ସମାଧାନ ପାଇଁ ୨୦୨୧ରୁ ନର୍ଲା ସହର ରାସ୍ତା ପ୍ରଶସ୍ତିକରଣ ପାଇଁ ନର୍ଲା ଶିଶୁ ବିଦ୍ୟା ମନ୍ଦିରଠାରୁ ପ୍ରାଣୀ ଚିକିତ୍ସାଳୟ ପର୍ଯ୍ୟନ୍ତ ୧.୮ କିଲୋମିଟର ରାସ୍ତା ପାଇଁ ୬.୬ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇ ବିକେ କନଷ୍ଟ୍ରକସନ୍ ସଂସ୍ଥା ରାସ୍ତା ନିର୍ମାଣ ପାଇଁ ଚୁକ୍ତି କରିଛି; ହେଲେ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ବିଭାଗର ସମନ୍ୱୟର ଅଭାବ ଯୋଗୁଁ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନାହିଁ। ରାସ୍ତା କାମ ପାଇଁ ନିର୍ମାଣକାରୀ ବିଭାଗ ଓ ସଂସ୍ଥା ସହ ରାଜସ୍ୱ ବିଭାଗ, ଜଳଯୋଗାଣ, ଟେଲିକମ, ଜଙ୍ଗଲ ବିଭାଗ ସହ ସ୍ଥାନୀୟ ପୁଲିସର ସମନ୍ୱୟ ନିଶ୍ଚିତ ଭାବରେ ଆବଶ୍ୟକ;

■ ୨୦୨୧ ଡିସେମ୍ବର ୨୮ ରେ ଭୂମିପୂଜା ତଥା ଶିଳାନ୍ୟାସ ହୋଇଛି

■ ୧.୮ କିଲୋମିଟର ରାସ୍ତା ପାଇଁ ୬.୬ କୋଟି ଟଙ୍କା ମଞ୍ଜୁର ହୋଇଛି

■ ବିକେ କନଷ୍ଟ୍ରକସନ୍ ସଂସ୍ଥା ରାସ୍ତା ନିର୍ମାଣ ପାଇଁ ଚୁକ୍ତି କରିଛି

ପ୍ରଶସ୍ତିକରଣ କାମ ପାଇଁ ୨୦୨୧ ଡିସେମ୍ବର ମାସ ୨୮ ତାରିଖରେ ଭୂମିପୂଜା ତଥା ଶିଳାନ୍ୟାସ ହୋଇଥିଲା। ସଙ୍କୀର୍ଣ୍ଣ ସଡକ ଓ ଟ୍ରାଫିକ ସମସ୍ୟାର କିନ୍ତୁ ନିର୍ମାଣକାରୀ ପୂର୍ତ୍ତ ବିଭାଗର ସୂଚନା ଅନୁଯାୟୀ ଏ ସମସ୍ତ ବିଭାଗ ପକ୍ଷରୁ ସଡ଼କ ନିର୍ମାଣ ପାଇଁ ଆବଶ୍ୟକ ସହଯୋଗ ମିଳୁନାହିଁ। ଏହା ଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଅନ୍ୟପକ୍ଷେ ନିର୍ଦ୍ଧାରିତ ଟେଣ୍ଡର ମୂଲ୍ୟଠାରୁ ବର୍ତ୍ତମାନ ସରକାରୀ ଓ ସ୍ଥାନୀୟ ବଜାର ଦର ବିଭିନ୍ନ ସାମଗ୍ରୀ ଉପରେ ଅନେକ ପରିମାଣରେ ବୃଦ୍ଧି ପାଇଛି। ତେଣୁ ସ୍ୱାଭାବିକ ଭାବରେ ନିର୍ମାଣକାରୀ ସଂସ୍ଥା ପାଇଁ ପୂର୍ବ ନିର୍ଦ୍ଧାରିତ ଦରରେ କାମ କରିବା ସହଜ ଓ ଲାଭକାରୀ ହେବନାହିଁ। ତେଣୁ ଠିକା ସଂସ୍ଥା ମଧ ପୁନର୍ନିର୍ଦ୍ଧାରିତ ଦର ପାଇଁ ଆବେଦନ କରିଛନ୍ତି। ତାହା ସରକାରୀ ସ୍ତରରେ କେବେ ଗୃହୀତ ହେବ ଓ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହେବ ତାହା ଅନିର୍ଦ୍ଦିଷ୍ଟ ରହିଛି।



# ବିପୁଳ ଶାଗୁଆନ ପଟା ଜବତ

## ଜଣେ ଗିରଫ

**କୋମନ, ୨୦।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ରେଞ୍ଜ ଅଧୀନ ବେଲଗାଁରୁ ବନ ବିଭାଗ ବିପୁଳ ଶାଗୁଆନ ପଟା ଜବତ କରିଛି। ରେଞ୍ଜର ଦେବଦତ୍ତ ସୂତାର କୌଣସି ବିଶେଷ ସୂତ୍ରରୁ ଖବର ପାଇ ବେଲଗାଁର ନିଳାମ୍ବର ମାଝୀ ଓ ସାନ ଗଣାଙ୍କ ଘରେ ଚଢଉ କରିଥିଲେ। ଉଭୟଙ୍କ ଘରୁ ବିପଳ ପରିମାଣର ଶାଗୁଆନ ପଟା ଜବତ ହେବା ସହ ଅନେକ ପ୍ରକାର ଫର୍ନିଚର ତିଆରି ସାମଗ୍ରୀ ମିଳଥିଲା। ଏହି ମାମଲାରେ ଜଣେ ଗିରଫ ହୋଇଥିବା ବେଳେ ଅନ୍ୟ ଜଣେ ଫେରାର ମାରିଛି।

## ବୌଦ୍ଧ ଡିଏଫଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

# ରାଜ୍ୟପାଳ, ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବୌଦ୍ଧ, ୨୦।୩(ସମିସ):** ବୌଦ୍ଧ ଡିଏଫଓ ଦେବପ୍ରିୟ କମ୍ପ ବ୍ୟାପକ ଦୁର୍ନୀତିରେ ସମ୍ପୃକ୍ତ। ଏଭଳି ଅଭିଯୋଗ କରି ବୁଧବାର ରାଜ୍ୟପାଳ ଏବଂ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୁବାସଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ କୋର୍ଟ ଛକଠାରୁ ଶତାଧିକ ଲୋକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରି ଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପତ୍ରଙ୍କୁ ଦାବିପତ୍ର ଦେଇଛନ୍ତି।



୨୦୨୧ରୁ ବୌଦ୍ଧ ଜଙ୍ଗଲ ଡିଭିଜନର ବନଖଣ୍ଡ ଅଧିକାରୀ ଭାବେ ନିଯୁକ୍ତ ଶ୍ରୀ କମ୍ପ ବୌଦ୍ଧ ଜିଲ୍ଲାରେ ବ୍ୟାପକ ଦୁର୍ନୀତି ଓ ଜାଲିଆତି କାର୍ଯ୍ୟ କରି କୋଟି କୋଟି ଟଙ୍କା ହଡ଼ପ କରିଥିବା ଦାବିପତ୍ରରେ ଦର୍ଶାଯାଇଛି। ଇକୋ ଟୁରିଜିମ, ମନରେଗା ଏବଂ ବିଭିନ୍ନ ବିଭାଗୀୟ କାର୍ଯ୍ୟରେ ଡିଏଫଓ ଶ୍ରୀ କମ୍ପ ଫଲ୍ସ ବିଲ୍ କରିବା ସହ ମୃତବ୍ୟକ୍ତି, ଚାକିରିଆ, ଠିକାଦାରଙ୍କ ନାମ ମଷ୍ଟର ରୋଲ୍‌ରେ ବ୍ୟବହାର କରି ବ୍ୟାପକ ଅର୍ଥ ହେରଫେର୍ କରିଥିବା ଅଭିଯୋଗ ହୋଇଛି। ଶ୍ରୀ କମ୍ପ ପୂର୍ବରୁ ଟିଟିଲାଗଡ଼ କେନ୍ଦୁପତ୍ର ଡିଭିଜନରେ ଡିଏଫଓ ଥିବାବେଳେ ୧୨ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିଲେ। ଜଙ୍ଗଲ ବିଭାଗ ପତ୍ର ସଂଖ୍ୟା ୨୪୮୨ (୨୨।୨।୨୪୧୪) ଅନୁଯାୟୀ ତାଙ୍କ ନାମରେ ବିଭଗୀୟ କାର୍ଯ୍ୟାନୁଷ୍ଠାନ ତଥା ତଦନ୍ତ ଚାଲୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏସବୁ ଦୁର୍ନୀତି ସମ୍ପର୍କରେ ବିଭିନ୍ନ ସମୟରେ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ତାଙ୍କ ବିରୋଧରେ ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁଧାଂଶୁ ଡାଙ୍ଗ, ଧର୍ମୁଧର ପୋଢ଼, ମୀନାରାଣୀ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

# ଫୋର୍‌ୱେ ରାସ୍ତାର ନାଳ ଖୋଳାବେଳେ ଘରଛାତ ସହ ଭୁଶୁଡ଼ିଲା

**ବରପାଲି, ୨୦।୩ (ସମିସ):** ବରଗଡ ଜିଲ୍ଲା ବରପାଲି ୨୬ ନମ୍ବର ଜାତୀୟ ରାଜପଥର ଫୋରୱେ ରାସ୍ତାର ଡ୍ରେନ୍ କାମ ଚାଲିଛି। ଏହି ସମୟରେ ସ୍ଥାନୀୟ ମେହେର କବି ପଡା ଛକ ନିକଟରେ ଏକ ଘରର କାନ୍ଥ ସହ ଆଜବେଷ୍ଟସ ଛାତ ଭୁଶୁଡ଼ି ନିର୍ମାଣାଧୀନ ଡ୍ରେନ ଉପରେ ପଡିଯାଇଥିଲା। କେହି ହତାହତ ହୋଇ ନଥିଲେ ସୁଦ୍ଧା ଆଖପାଖ ଅଞ୍ଚଳରେ ଏକ ଭୟର ପରିବେଶ ସୃଷ୍ଟି ହୋଇଥିଲା। ଭୟରେ ପଡୋଶୀମାନେ ନିଜ ଘର ଛାଡି ପଡୋଶୀଙ୍କ ଘରେ ଆଶ୍ରୟ ନେଉଥିବା ଜଣାପଡିଥିଲା। ମୂଳଦୁଆ ମାଟି ଉଠିଯିବାରୁ ଘରକାନ୍ଥ ଦବିଯିବାରୁ ଦୁର୍ଘଟଣାର ସୂତ୍ରପାତ ହୋଇଥିବା ସ୍ଥାନୀୟ ଲୋକେ କହିଥିଲେ। ଯାହାବି ହେଉ ଏକ ବଡ ଦୁର୍ଘଟଣା ଟଳି ଯାଇ ଧନଜୀବନ ସୁରକ୍ଷିତ ରହିଯାଇଛି। ଲୋକେ ତୁରନ୍ତ ଘରର ମୂଳଦୁଆ ମରାମତି ନ କଲେ କାର୍ଯ୍ୟ ବନ୍ଦ କରିବାକୁ ଧମକ ଦେଇ ପ୍ରତିବାଦ ଜଣାଇଥିଲେ। ଫୋରୱେ ରାସ୍ତା ନିର୍ମାଣ କାର୍ଯ୍ୟରେ କାର୍ଯ୍ୟକର୍ତ୍ତାମାନେ ଜାଣିଶୁଣି ପାତର ଅନ୍ତର ଭିତ୍ତିକ କାର୍ଯ୍ୟଶୈଳୀ ଆପଣାଉଥିବା ଲୋକେ ଅଭିଯୋଗ ଆଣିଛନ୍ତି। ପ୍ରଭାବଶାଳୀ ବ୍ୟକ୍ତିଙ୍କ ଘରଗୁଡିକୁ ଛାଡି ଦେଇ କେବଳ ନିରୀହ ଜନସାଧାରଣଙ୍କ ଘର ମାନ ଭାଙ୍ଗୁଥିବା ସାଧାରଣରେ ଆଲୋଚନା ସହ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏନେଇ ଉଚ୍ଚସ୍ତରୀୟ ତଦାରଖର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି।

# ପଲସିପାଣି-କରଙ୍ଗାଭଟା ରାସ୍ତା ଶୋଚନୀୟ

**କୋମନା, ୨୦।୩(ସମିସ)**-ନୁଆପଡ଼ା ଜିଲ୍ଲା କୋମନା ବ୍ଲକସ୍ଥିତ ପଲସିପାଣିରୁ କରଙ୍ଗାଭଟା ପ୍ରଧାନମନ୍ତ୍ରୀ ରାସ୍ତା କାଳବୈଶାଖୀ ବର୍ଷାରେ ସମ୍ପୂର୍ଣ୍ଣ ଶୋଚନୀୟ ହୋଇ ପଡ଼ିଛି। ଏହା ଫଳରେ ଏହି ରାସ୍ତାରେ ଯାତାୟତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୬ ମାସ ହେଲା ରାସ୍ତା ନିର୍ମାଣ ହେଉଛି; ହେଲେ ନିମ୍ନମାନର କାମ କରାଯାଇଛି। ମୋରମ ବଦଳରେ ମାଟି ପକା ଯାଇଛି। ଏହାକୁ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଛନ୍ତି; ହେଲେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଚୁପ୍। ଏଣୁ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ବଢୁଛି।





# ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି

**ଗାଇଗାଁ, ୨୦।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କୁଣ୍ଡାବନ୍ଧ ପଞ୍ଚାୟତ ଅଧୀନ ସିକେରପଡ଼ା ଗ୍ରାମର ୪ନମ୍ବର ୱାର୍ଡ ରାସ୍ତା କଡରେ ଏକ ଟ୍ରାନ୍ସଫର୍ମର ମୁକୁଳା କହିଛି। ଏହି ରାସ୍ତା ଦେଇ ଅନେକ ଲୋକ ଯିବା ଆସିବା କରୁଛନ୍ତି। ଅନେକ ସମୟରେ ଏଥିରେ ଗାଇଗୋରୁ ଓ ଛେଳିମେଣ୍ଢା ଲାଗିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଛି ଦିନ ତଳେ କିଛି ଛେଳି ଏହି ଟ୍ରାନ୍ସଫର୍ମରରେ ଜୀବନ ସହ ସଂଘର୍ଷ କରୁଥିବା ସମୟରେ ଗ୍ରାମବାସୀ ଉଦ୍ଧାର କରିଥିଲେ। ବୁଧବାର ୨ଟି ଗାଈ ଏହି ଟ୍ରାନ୍ସଫର୍ମରେ ଲାଗି ଆହତ ହୋଇଛନ୍ତି। ଏଣୁ ଏହା ଚାରିପାଖେ ତାର ବା ପାଚେରି ଦେବା ପାଇଁ ସିକେରପଡ଼ା ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗକୁ ଅଭିଯୋଗ କରି ଆସୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ କିନ୍ତୁ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁନି। ଏଣୁ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି।



## କନ୍ଧବାହାଲ ଗାଁରେ ପାନୀୟ ଜଳଯୋଗାଣ ସମସ୍ୟା

# ପାଖରେ ପ୍ରକଳ୍ପ ଥାଇ ବି ମେଣ୍ଟୁନି ଶୋଷ

**ତୁରେକେଲା, ୨୦।୩(ସମିସ)**

ବିଶୁଦ୍ଧ ପାନୀୟଜଳ ଟିକେ ପାଇଁ ଡହଳ ବିକଳ ଗାଁ ବାସିନ୍ଦା। ଅନେକଥର ଏ ଅଫିସରୁ ସେ ଅଫିସ ଯାଇ ପାନୀୟଜଳ ଗାଁକୁ ଯୋଗାଇଦେବାକୁ ନିବେଦନ କଲା ପରେ ସ୍ୱଜଳଧାରା ପ୍ରକଳ୍ପ ଆରମ୍ଭ କରିଥିଲା ସ୍ଥାନୀୟ ପ୍ରଶାସନ। ଦାୟିତ୍ୱରେ ଥିବା ଠିକାଦାର ଅଧପନ୍ତରିଆ କାମ କରି ଛାଡ଼ିଦେଲେ। ଯାହାଫଳରେ ଏବେ ବିଶୁଦ୍ଧ ପାନୀୟଜଳ ପାଇବା ଆଶା ଗାଁ ଲୋକଙ୍କ ପାଇଁ ଆହୁରି କ୍ଷୀଣ ହୋଇଯାଇଛି।

ଏହିଭଳି ଅଭିଯୋଗ ଆସିଛି ବଲାଙ୍ଗିର ଜିଲ୍ଲା ଉପାନ୍ତ ତୁରେକେଲା ବ୍ଲକ ଅନ୍ତର୍ଗତ ଧାମନଡ଼ଙ୍ଗା ପଞ୍ଚାୟତ କନ୍ଧବାହାଲ ଗାଁରୁ। ପ୍ରାୟ ୨୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗାଁ ରେ ଥିବା ନଳକୂପଗୁଡିକ ଉପରେ ଗାଁ ଲୋକେ ନିର୍ଭର କରିଥାଆନ୍ତି। ଅନେକ ସମୟରେ ନଳକୂପଗୁଡିକ ଅଚଳ ହୋଇ ପଡିଥାଏ। ଗାଁ ଲୋକେ ଚୁଆ ପାଣି ଉପରେ ଭରସା କରନ୍ତି।





ଗତ ପାଞ୍ଚ ବର୍ଷ ତଳେ ସ୍ୱଜଳଧାରା ପ୍ରକଳ୍ପ ମଧ ଏହି ଗାଁର ଶୋଷ ମେଣ୍ଟାଇ ପାରି ନାହିଁ।

ସରକାରୀ ଜମି ନ ଥିବା ଯୋଗୁଁ ଜଣେ ସମାଜସେବୀ ପ୍ରକଳ୍ପ ପାଇଁ ଭୂମିଦାନ କରିଥିଲେ। ପରେ ଜଣେ ଠିକାଦାରଙ୍କୁ ନିୟୋଜିତ କରାଯାଇଥିଲା। ଉକ୍ତ ଠିକାଦାର ଜଣକ କୂଅ ଖନନ କରି ଗାଁରେ ପାଇପ୍ ବିଛାଇଥିବା ବେଳେ ଟେପ ପୋଷ୍ଟ ମଧ ନିର୍ମାଣ କରିଥିଲେ; କିନ୍ତୁ ଅଧାରେ କାମ ଛାଡି ଦେଇଛନ୍ତି। ଯାହାଫଳରେ ଏବେ ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପ୍ରକଳ୍ପ ଖତ ଖାଉଛି। ଟେପ ପୋଷ୍ଟଗୁଡିକ ଭାଙ୍ଗି ଚୂରମାର ହୋଇଥିବା ବେଳେ ମାଟିରେ ମିଶି ଯାଇଛି ପାଇପ୍‌ଲାଇନ। ସ୍ଥାନୀୟ କୌଣସି ଅଧିକାରୀ ମଧ ଏହି ଅଧପନ୍ତରିଆ ପ୍ରକଳ୍ପ ଉପରେ ନଜର ଦେଉ ନାହାନ୍ତି କି ସମସ୍ୟାର ସମାଧାନ କରିବାକୁ ପଦକ୍ଷେପ ନେଇନାହାନ୍ତି। ଗାଁରେ ଥିବା ମୁଖ୍ୟ ନଳକୂପରୁ ପର୍ଯ୍ୟାପ୍ତ ପାଣି ବାହାରୁ ନଥିବା ବେଳେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ସେହି ନଳକୂପରେ ସୋଲାର ପମ୍ପ ଲଗାଯାଇଛି। ବର୍ଷା ମାସକୁ ଛାଡ଼ି ଅନେକ ସମୟ ସେଠାରୁ ମଧ ପାଣି ଆସୁ ନଥିବା ଗାଁଲୋକେ ଅଭିଯୋଗ କରିଛନ୍ତି। ଏନେଇ କଣ୍ଟାବାଞ୍ଜି ଗ୍ରାମ୍ୟ ଜଳଯୋଗାଣ ବିଭାଗ ଏସଡିଓ ପ୍ରଶାନ୍ତ ବାଭେଲ କହିଛନ୍ତି, ବର୍ତ୍ତମାନ ଗାଁକୁ ସରକାରଙ୍କ ମେଗା ଜଳଯୋଗାଣ ପ୍ରକଳ୍ପରେ ସାମିଲ କରାଯାଇଛି। ବହୁତ ଶୀଘ୍ର ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ।

# ମାନସିକ ଚାପ ନିୟନ୍ତ୍ରଣ ସମ୍ପର୍କିତ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୦।୩(ସମିସ):** ସ୍ଥାନୀୟ ବିକାଶ ନର୍ସିଂ ମହାବିଦ୍ୟାଳୟରେ ମାନସିକ ଚାପ ନିୟନ୍ତ୍ରଣ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରାକେଶ ସାହୁ, ଅମ୍ରିତା ପ୍ରୀତମ ପ୍ରମୁଖ ଯୋଗ ଦେଇଥିଲେ। ବିକାଶ ଡିଗ୍ରୀ ବିଜ୍ଞାନ ମହାବିଦ୍ୟାଳୟ, ବିକାଶ ଆଇଟି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ମହାବିଦ୍ୟାଳୟ, ବିକାଶ ନର୍ସିଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମାନସିକ ଚାପ ନିୟନ୍ତ୍ରଣ ଜ୍ଞାନ କୌଶଳ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍ ଭବାନୀପାଟଣାର ନିର୍ଦ୍ଦେଶକ ଡି. ଶ୍ୟାମ, ନିର୍ଦ୍ଦେଶକ ଡି. ରାମ କୁମାର, ବିକାଶ ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟା ଡି. ପଦ୍ମିନୀ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ନର୍ସିଂ ମହାବିଦ୍ୟାଳୟର ଅଧକ୍ଷା କେ. ଜୟଶ୍ରୀ, ଆଇଟି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଅଧ୍ୟକ୍ଷ ସୁଦିପ୍ତ ଜେନା, ବିଜ୍ଞାନ ବିଭାଗ ଅଧକ୍ଷ ଆଦିତ୍ୟ ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ।



## ଜାମଜୋର ବିଛଳପଡ଼ା ଜଳାର୍ଣ୍ଣବ



**କେସିଙ୍ଗା/ଉକ୍ଳେଲା, ୨୦।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ଜାମଜୋର ଗ୍ରାମର ୭ ନମ୍ବର ୱାର୍ଡ ବିଛଳପଡ଼ା ଜଳାର୍ଣ୍ଣବ ହୋଇଛି। କାଳ ବୈଶାଖୀ ଜନିତ ବର୍ଷା ଯୋଗୁଁ ରାସ୍ତା ଉପରେ ପାଣି ଜମି ଲୋକଙ୍କ ଘରେ ପଶୁଛି। ଏହାର ପ୍ରତିକାର ଲାଗି ୱାର୍ଡବାସୀ ଦେଓଗାଁ ସରପଞ୍ଚଙ୍କୁ ଲିଖିତ ଆକାରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ନେଇ କେସିଙ୍ଗା ବିଡ଼ିଓ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରତିକାର ହେଉନାହିଁ। ଏହାର ଯଥାଶୀଘ୍ର ସମାଧାନ ନ କଲେ ବ୍ଲକ ଘେରଉ ଲାଗି ଲୋକେ ଚେତାବନୀ ଦେଇଛନ୍ତି।

## କରାମହୁଲ ସ୍କୁଲରେ ଆଣ୍ଠୁଏ ପାଣି

**କୋମନା, ୨୦।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କରାମହୁଲ ପ୍ରାଥମିକ ବିଦ୍ୟାଳୟ ଜଳ ଘେରରେ ରହିଛି। ସ୍କୁଲ ଫାଟକ ସମ୍ମୁଖରେ ଆଣ୍ଠୁଏ ପାଣି ଜମା ହୋଇଛି। ଛାତ୍ରଛାତ୍ରୀ ଏହି ପାଣି ଭିତରେ ପଶି ସ୍କୁଲକୁ ପଢ଼ିବାକୁ ଯାଉଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ହଠାତ କାଳବୈଶାଖୀର ତାଣ୍ଡବରେ ପ୍ରବଳ ଘଡଘଡି ସହ ବର୍ଷା ଓ କୁଆପଥର ମାଡ ହୋଇଥିଲା। ଘଣ୍ଟା ଘଣ୍ଟା କରି ବର୍ଷା ହେବାରୁ ସ୍କୁଲ୍ ଫାଟକ ସମ୍ମୁଖରେ ପାଣି ଜମିଛି। ଏହି ପାଣି ନିଷ୍କାସନ ଲାଗି ବାଟ ନ ଥିବାରୁ ସମସ୍ୟା ଜଟିଳ ହୋଇଛି।




### ଚାଷୀଙ୍କ ଲାଗି କାଳହେଲା କାଳବୈଶାଖୀ

# ବ୍ୟାପକ ପନିପରିବା, ଡାଲି ଜାତୀୟ ଫସଲ ନଷ୍ଟ

**କୋକସରା, ୨୦।୩(ସମିସ)**





ସାରା ରାଜ୍ୟରେ ମଙ୍ଗଳବାରଠାରୁ କୋହଲା ପାଗ ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହିଛି। ବିଭିନ୍ନ ସ୍ଥାନରେ ଘଡଘଡି, ବିଜୁଳି ଓ କୁଆପଥର ମାଡ ସହ ବର୍ଷା ହୋଇଛି। ଏଥିରେ କଳାହାଣ୍ଡି ଜିଲ୍ଲା ମଧ୍ୟ ବର୍ତ୍ତି ନାହିଁ। ଜିଲ୍ଲାର କୋକସରା ଅଞ୍ଚଳରେ କାଳବୈଶାଖୀ ଯୋଗୁଁ ମଙ୍ଗଳବାର ରାତିରେ ପ୍ରବଳ କୁଆପଥର, ବର୍ଷା ହେବା ସହ ଘଡଘଡି, ବିଜୁଳି ଲାଗି ରହିଥିଲା। ଏଥି ଯୋଗୁଁ ଅନେକ ଚାଷୀଙ୍କ ପନିପରିବା ଓ ଡାଲି ଜାତୀୟ ଫସଲ ନଷ୍ଟ ହୋଇଛି।

ବ୍ଲକର ଅଣ ଜଳସେଚିତ ଅଞ୍ଚଳର ଚାଷୀମାନେ ଧାନ ଅମଳ ସରିବା ପରେ ଦୁଇ ପଇସା ରୋଜଗାର କରିବା ସହ ପରିବାର ପ୍ରତିପୋଷଣ କରିବା ଆଶା ନେଇ ପନିପରିବା ସହ ଡାଲି ଜାତୀୟ ଫସଲ ମୁଗ ଓ ବିରି ଚାଷ କରିଥିଲେ। ତେବେ ଅଦିନିଆ ବର୍ଷା ଏବେ ଚାଷୀଙ୍କ ପରିବା ଚାଷକୁ ଉଜାଡି ଦେଇଥିବାବେଳେ ଡାଲି ଜାତୀୟ ଫସଲ ମଧ୍ୟ କ୍ଷତି ହେବା ଆଶଙ୍କା ରହିଛି। ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ମୁଗ ୪୫୭୫ ହେକ୍ଟର ଓ ବିରି ୧୦୮ ହେକ୍ଟର ଜମିରେ ଚାଷ ହୋଇଛି। ତେବେ ଅମଳ ହୋଇ ଚାଷୀ ଖଳାରେ ରଖିଥିବା ମୁଗ ଓ ଜମିରେ ଥିବା ଅମଳକ୍ଷମ ମୁଗ ଭିଜି ଯାଇ ନଷ୍ଟ ହେବାକୁ ବସିଛି। ତେଣୁ ମୁଗ ଚାଷରେ ହଜାର ହଜାର ଟଙ୍କା ଖର୍ଚ୍ଚ ହୋଇଥିବାରୁ କିପରି ଏହାର ଭରଣା ହେବ ସେନେଇ ଚିନ୍ତାରେ ଚାଷୀ। ସେହିପରି ତୁହାକୁ ତୁହା ବର୍ଷା ଓ କରାମାଡ଼ ଯୋଗୁଁ ପରିବା ଚାଷ ମଧ୍ୟ ଉଜୁଡି ଯାଇଛି। କୁଆ ପଥର ମାଡ ସହ ଜମିରେ ପାଣି ଜମିଥିବାରୁ ଟମାଟୋ ବିଶେଷ କ୍ଷତି ହୋଇଥିବାବେଳେ ଅନ୍ୟାନ୍ୟ ପନିପରିବା ମଧ୍ୟ କ୍ଷତି ହୋଇଛି। ତେବେ କିପରି ପରିବାର ପ୍ରତିପୋଷଣ କରିବେ ସେନେଇ ଚିନ୍ତାରେ ଚାଷୀ। ତେଣୁ କୃଷି ବିଭାଗର ଅଧିକାରୀମାନେ ପନିପରିବା ଓ ଡାଲିଜାତୀୟ ଫସଲ ଅବସ୍ଥା ଅନୁଧ୍ୟାନ କରି କ୍ଷୟକ୍ଷତି ଆକଳନ କରିବା ପାଇଁ ଚାଷୀ ଅନୁରୋଧ କରିଛନ୍ତି।

**କେସିଙ୍ଗା:** ସାରା ରାଜ୍ୟରେ ଗତ ତିନି ଚାରି ଦିନ ହେଲା ଅଦିନିଆ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। କେସିଙ୍ଗା ଅଞ୍ଚଳରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷାରେ ଆମ୍ବ ନଷ୍ଟ ହୋଇଛି। ଏହା ସହ ମୁଗ, ବିରି, କୋଳଥ, ହରଡ ପ୍ରଭୃତି ଡାଲି ଜାତୀୟ ଫସଲ ପାଇଁ ଏହି ଅଦିନିଆ ବର୍ଷା ଦାଉ ସାଜିଛି। ମଙ୍ଗଳବାର ସକାଳୁ ସକାଳୁ ମେଘୁଆ ପାଗ ହୋଇଥିଲା। ରାତି ୮ଟାରୁ ରାତି ଯାକ ଭୀଷଣ ବର୍ଷା ପରିଲକ୍ଷିତ ହୋଇଥିଲା। ପାଣି ପାଗ ଅନୁସନ୍ଧାନ କେନ୍ଦ୍ର ହିସାବରେ ମଙ୍ଗଳବାର ରାତିରେ କେସିଙ୍ଗାରେ ୩୪.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି; ଯାହାକି ଚାଷ ପାଇଁ ଅନୁପଯୋଗୀ। ଗରମରୁ ଟିକେ ମୁକ୍ତି ମିଳିଥିଲା; କିନ୍ତୁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। କେସିଙ୍ଗା ଅଞ୍ଚଳରେ ଥିବା ଆମ୍ବ ଚାଷୀଙ୍କ କହିବା ଅନୁସାରେ ବର୍ତ୍ତମାନ ଆମ୍ବ ଗଛରେ ଆମ୍ବ ଆସିଗଲାଣି। ଝଡ଼ ପବନ ଓ ମେଘୁଆ ପାଗ ଯୋଗୁଁ ଫଳ ଝଡି ତଳେ ପଡ଼ିବାରେ ଲାଗିଛି। ଚଳିତ ବର୍ଷ କ୍ଷତି ସହିବାକୁ ପଡ଼ିବ ବୋଲି ଅନୁମାନ କରିଥିବା ଆକଳନ କରିଛନ୍ତି। କେସିଙ୍ଗା କୃଷି ବିଭାଗର ଅଧିକାରୀ ଘନଶ୍ୟାମ ଦେହୁରୀଙ୍କୁ କ୍ଷୟକ୍ଷତି ବିଷୟରେ ପଚାରିବାରୁ ବେଲଖଣ୍ଡି, ହାତୀଖୋଜ, ସିର୍ଜାପାଲି ସାଇଡ୍‌ରେ ଟିକିଏ ଅଧିକ ବର୍ଷା ହୋଇଛି। କ୍ଷୟକ୍ଷତିର ଆକଳନ ଅତି ଶୀଘ୍ର ପଠାଇବା ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି। କେସିଙ୍ଗା ବ୍ଲକର ପ୍ରାୟ ୭୫ ପ୍ରତିଶତ ଡାଲିଜାତୀୟ ଫସଲ ଅମଳ ସରି ଯାଇଛି। ବାକି ୨୫ ପ୍ରତିଶତ ଏହି କାଳ ବୈଶାଖୀ ପ୍ରଭାବରେ କେତେ ନଷ୍ଟ ହେଇଛି ରିପୋର୍ଟ ଆସିଲେ ଜଣା ପଡ଼ିବ ବୋଲି ପ୍ରକାଶ କରିଥିଲେ।

**କୋମନା:** ନୁଆପଡ଼ା ଜିଲ୍ଲା କୋମନା ବ୍ଲକର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବରେ ପ୍ରବଳ ଘଡଘଡି ସହ ବର୍ଷା ଓ କୁଆପଥର ମାଡ ହୋଇଥିଲା। ଏହା ଫଳରେ ପବନର ବେଗ ଅତି ତୀବ୍ର ହୋଇଥିବାରୁ ବିଭିନ୍ନ ସ୍ଥାନର ଗଛ ଓ ଘର ଭାଙ୍ଗିଛି। ବିଶେଷକରି କୁଆପଥର ଓ ବର୍ଷା ଯୋଗୁଁ ଅଞ୍ଚଳରେ ହୋଇଥିବା ଡାଲିଜାତୀୟ ଫସଲ ମୁଗ, ଚଣା ଓ ଶିମ୍ବ ସଂପୂର୍ଣ୍ଣ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏଥିରେ ବ୍ଲକର ମହୁଲଭଟା, ପଏଁର, ଟିକ୍ରାପଡ଼ା, ରେଙ୍ଗ, କୁରେଶ୍ୱର, କ୍ରୀଷ୍ଟା, କୋମନା, ବିଶିବାହାଲ, ବରକୋଟ, ଜଡାମୁଣ୍ଡା, ଇଛାପୁର, ବେଲରଦନା, ସିଲେଟପାନୀ, କୁମୁଟିମୁଣ୍ଡା ଗାଁରେ ହୋଇଥିବା ଚାଷ ପ୍ରବଳ ମାତ୍ରାରେ ନଷ୍ଟ ହୋଇଛି। କାଳିମାଟି, ନୂଆଗାଁ, କମକେଡା, ଲୋହୋଣ୍ଡୋପାଲିରେ ହୋଇଥିବା ପିଆଜ ଚାଷରେ କୁଆପଥର ମାଡ ହେବାରୁ ସଂପୂର୍ଣ୍ଣ ନଷ୍ଟ ହୋଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ନୂଆପଡ଼ା/ଖଡ଼ିଆଳ, ୨୦।୩(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଚନାବେଡା ପଞ୍ଚାୟତର ଜଣେ ଯୁବକଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଚନାବେଡା ଗ୍ରାମର ଶ୍ରୀପତି ବେହେରା (୧୮)। ଗ୍ରାମରେ ଏକ ବିବାହ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ନିଜ ସମ୍ପର୍କୀୟଙ୍କୁ ଦମଝର ଗ୍ରାମକୁ ଛାଡି ଯାଇଥିଲେ। ଘରକୁ ଫେରୁଥିବା ସମୟରେ ଦମଝର ପାଖରେ ଥିବା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେତୁ ମୃତ୍ୟୁ ଘଟିଛି। ଖଡ଼ିଆଳ ଏବଂ ବୋଡେନ ପୁଲିସ ଶବ ଜବତ କରି ଏକ ମାମଲା ରୁଜୁ କରିଛି। ଘଟଣାର ଅଧିକ ତଦନ୍ତ ଚାଲୁଥିବା ବୋଡେନ ଥାନା ଅଧିକାରୀ ଗୋବିନ୍ଦ ମାଝୀ ପ୍ରକାଶ କରିଛନ୍ତି।

## ନୂଆପଡ଼ାରେ ବିଶ୍ୱ ମୁଖଗହ୍ୱର ଦିବସ

**ନୂଆପଡ଼ା, ୨୦।୩(ସମିସ):** ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ବିଶ୍ୱ ମୁଖ ଗହ୍ୱର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧରଣୀଧର ସେନାପତି ସଭାପତିତ୍ୱ କରିଥିବାବେଳେ ଡିଏମଓ ଡା. ସୁଧିରଞ୍ଜନ ନାଏକ, ଡିପିଏଚଓ ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ଡା. ଅମିତ ଜାଲ, ଏଡିପିଏଚସିଓ କିଶୋର ଚନ୍ଦ୍ର ପଟେଲ, ଏମ-ଏନସିଡି ଶରତ ନାଏକ, ଶରତ ବେଜୋ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଲେଜର ନର୍ସିଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସେନାପତି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଆୟୋଜିତ ସଭାରେ ମୁଖ ଗହ୍ୱର ରୋଗର କାରଣ, ନିଦାନ ଉପରେ ବକ୍ତାମାନେ ମାର୍ଗଦର୍ଶନ କରିଥିଲେ।

## ୨୩ରେ 'ସଂଗୀତାୟନ'

**ଭବାନୀପାଟଣା, ୨୦।୩(ସମିସ):** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସହଯୋଗରେ କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ସ୍ଥାନୀୟ ଟାଉନ ହଲ ମଞ୍ଚରେ୨୩ ଓ ୨୪ ଦୁଇ ଦିନ ଧରି ଶାସ୍ତ୍ରୀୟ ସଂଗୀତ ଓ ଲୋକ ସଂଗୀତକୁ ନେଇ ଜାତୀୟସ୍ତରୀୟ 'ସଂଗୀତାୟନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ସନ୍ଧ୍ୟାରେ କୋଲକାତାରୁ ସୁପ୍ରସିଦ୍ଧ ସନ୍ତୁର ବାଦକ ଚିରୋଦୀପ ସରକାର, ତବଲା ଶିଳ୍ପୀ ବାପ୍ପାଦତ୍ୟ ରାୟ, ସୀତାର ଶିଳ୍ପୀ ସୌମଲ୍ୟ ଭଟ୍ଟାଚାର୍ଯ୍ୟ ଏବଂ ଗୁରୁ ଶୁଭାଂଶୁ ମିଶ୍ର (ଓଡ଼ିଶା) ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିବେ। ଗୁରୁ ନରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବଂଶୀ ବାଦନ ଅନୁଷ୍ଠିତ ହେବ।


ଦ୍ୱିତୀୟ ସନ୍ଧ୍ୟାରେ ଗୁରୁ ସୁଧୀର ଚନ୍ଦ୍ର ପଣ୍ଡା (କଳାହାଣ୍ଡି)ଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କଳାକାର ଓ ଆକାଶବାଣୀ କଳାକାର ବିଭୂତି ପଟ୍ଟନାୟକ (ସମ୍ବଲପୁର) ଓ ମିନତି ପାଣିଗ୍ରାହୀ (ରାଉରକେଲା) ଲୋକ ସଂଗୀତ ପରିବେଷଣ କରିବେ। ଏହି ଅବସରରେ ଡ. ତପନ ରଥଙ୍କ ସଭାପତିତ୍ୱ ଓ ଡ. ଅଜୟ ମିଶ୍ରଙ୍କ ସଂଯୋଜନାରେ ସକାଳେ ପରିଷଦ ସଭାଗୃହରେ 'ପାରମ୍ପରିକ ଲୋକ ସଂଗୀତର ରୂପାନ୍ତର ଓ ଆମ ସଂସ୍କୃତି' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଅଧ୍ୟାପକ ପରମେଶ୍ୱର ମୁଣ୍ଡ ସନ୍ଦର୍ଭ ଉପସ୍ଥାପନା କରିବେ। ସୀମାଞ୍ଚଳ ନାଗ, ଅଧ୍ୟାପିକା ନିବେଦିତା ନାଥ, ଧାନାନନ୍ଦ ପଣ୍ଡା, ସର୍ବେଶ୍ୱର ଭୋଇ ଓ କମଳ କିଶୋର ଶତପଥୀ ଆଲୋଚକ ଭାବେ ଯୋଗ ଦେବେ ବୋଲି ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡା ଓ ସମ୍ପାଦକ ଭବନାଥ ରାୟଗୁରୁ ଜଣାଇଛନ୍ତି।

## କୁର୍ମାଟୁଆଁରେ ବିଜେଡି ପକ୍ଷରୁ ବୈଠକ



**ଭବାନୀପାଟଣା, ୨୦।୩(ସମିସ):** ଭବାନୀପାଟଣା ନିର୍ବାଚନ ମଣ୍ଡଳୀ କୁଲିଆମାଲ ପଞ୍ଚାୟତର କୁର୍ମାଟୁଆଁରେ ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁବାସ ସାହୁ, ଯୁବ ପଞ୍ଚାୟତ ସଭାପତି ଲମ୍ବୋଦର ସୁନାନୀ, ମୋହନ ଦାସ ମାଝୀ, କୁଳମଣି ମାଝୀ, ବିଶେଶ୍ୱର ମାଝୀ, ଦେବରାଜ ନାଏକ, ମଳୟ ସାହୁ, ତୁଳେଶ୍ୱର ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ



**ସିନାପାଲି, ୨୦।୩ (ସମିସ):** କୁସୁମଯୋରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୭ ତାରିଖରେ କଳସ ଶୋଭାଯାତ୍ରା ସହ ଅଭିମନ୍ତ୍ରିତ ଜଳ ଆଣିଲା ପରେ ଅଧିବାସ ଅନୁଷ୍ଠିତ ହୋଇଥିଲା। ୧୮ ତାରିଖ ସକାଳେ ପବିତ୍ର ବିଶ୍ୱଶାନ୍ତି ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବରଗାଁ, ଜାମପଡ଼ା, ମୁକୁନ୍ଦପୁର, କସାଇପାଣି ଓ କୁରୁଲାପଡ଼ା ସହ ଛତିଶଗଡ଼ ରାଜ୍ୟର ଅନେକ ସଙ୍କୀର୍ତ୍ତନ ଦଳ ସାମିଲ ହୋଇଥିଲେ। ରମେଶ ଅଗ୍ରୱାଲ, ବଂଶଧର ରାଉତ ସପତ୍ନୀକ କର୍ତ୍ତା ଥିଲେ। ମନ୍ଦିର ସଭାପତି ପ୍ରଦୀପ ଜୈନ, ଉପ ସଭାପତି ରବୀନ୍ଦ୍ର ରାଉତ, ହିରାଲାଲ ଅଗ୍ରୱାଲ, ଶରତ ଜୈନ, ଇନ୍ଦ୍ରସେନ ଅଗ୍ରୱାଲ, ରମେଶ ଅଗ୍ରୱାଲ, ଛବିଲାଲ ବନ୍ଧିଚୋର, ତୁଳସିରାମ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

## 'କୁରେଫୁଲ' ଉନ୍ମୋଚିତ



**ନର୍ଲା, ୨୦।୩(ସମିସ):** ମଧୁପୁର ସରକାରୀ ଆଶ୍ରମ ବିଦ୍ୟାଳୟରେ ପ୍ରାଚୀର ପତ୍ରିକା 'କୁରେଫୁଲ' ଉନ୍ମୋଚିତ ହୋଇଛି। ପିଲାଟି ଦିନରୁ ସାହିତ୍ୟ ପ୍ରତି ରଚି ରଖୁଥିବା ଓ ସୃଜନଶୀଳତାର ବିକାଶ ଏହି ପତ୍ରିକା ପ୍ରକାଶନର ଲକ୍ଷ୍ୟ ବୋଲି ମୁଖ୍ୟ ପ୍ରକାଶକ ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ରାଉତ ପ୍ରକାଶ କରିଛନ୍ତି। ଲେଖକ, କବି ଓ ସୃଜନଶୀଳତା ଦିଗରେ ଏହା ଏକ ଉତ୍କୃଷ୍ଟ ପଦକ୍ଷେପ ବୋଲି ପ୍ରଧାନ ଶିକ୍ଷକ ଗିରିଧାରୀ ବାରିକ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଲଳିତା ହରପାଲ ଅଧକ୍ଷତା କରିଥିଲେ।

## ପଖାଳ ଦିବସ ପାଳିତ

**ଭବାନୀପାଟଣା, ୨୦।୩(ସମିସ):** ଭବାନୀପାଟଣା ସଦର ବ୍ଲକ ସିଙ୍ଗଝରଣସ୍ଥିତ ଇଣ୍ଡିଆନ ଫୁଡ ପାର୍କରେ ମହାସମାରୋହରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ କଳାକାର ଜୟନ୍ତ ବେହେରା, ଜଗଦୀଶ ମଣ୍ଡଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନରେନ୍ଦ୍ର ପଣ୍ଡା, ଅକ୍ଷୟ ଦାସ, ବରିଷ୍ଠ ସାମ୍ବାଦିକ ଶାନ୍ତନୁ ବେହେରା, ଡିସିପିଓ ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## କେସିଙ୍ଗାରେ ବିଶ୍ୱ ଘରଚଟିଆ ଦିବସ

**କେସିଙ୍ଗା, ୨୦।୩(ସମିସ):** ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୟୁଥ୍ ଏବଂ ଇକୋ କ୍ଲବ୍ ତରଫରୁ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସମୀର ବେହେରା ସଭାପତିତ୍ୱ କରି ଘରଚଟିଆଙ୍କ ବିଲୁପ୍ତର କାରଣ ଏବଂ ସଂରକ୍ଷଣ ନିମନ୍ତେ କହିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟା ଦୋରା ନିଜ ବକ୍ତବ୍ୟରେ ଛାତ୍ରମାନଙ୍କୁ ପକ୍ଷୀ ବସା ତିଆରି କରି ନିଜ ଘରର କିଛି ସ୍ଥାନରେ ଲଗାଇବା ପାଇଁ କହିଥିଲେ। ଶିକ୍ଷକ ସୁନିଲ ପାତ୍ର ସଭା ପରିଚାଳନା କରିଥିଲେ।

## ଶ୍ୟାମବାବାଙ୍କ ଫାଲ୍‌ଗୁନ ମେଳା ସହ ସୁବର୍ଣ୍ଣ ଜୟନ୍ତୀ

**ନର୍ଲା, ୨୦।୩(ସମିସ):** ରୁପ୍ରାରୋଡର ପଲସାପଡ଼ା ଶ୍ୟାମ ବାବାଙ୍କ ଫାଲଗୁନ ମେଳା ଓ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଖାଟୁଶ୍ୟାମ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ନିଶାନ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୁପ୍ରାରୋଡ, ନର୍ଲା, କେସିଙ୍ଗା, ଭବାନୀପାଟଣା, ଧର୍ମଗଡ଼, ଜୁନାଗଡ଼, ସମ୍ବଲପୁର, ବିଲାସପୁର, କାଟାବାଞ୍ଜି, ଟିଟିଲାଗଡ଼, ବଲାଙ୍ଗୀର, ରାମପୁର, ରାୟପୁର, ତୁଷୁରା ଅଞ୍ଚଳ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ରୁପ୍ରାରୋଡ ଦେବସର ଧାମ ମନ୍ଦିର ପରିସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପବନ ଶର୍ମା, ରାଧେଶ୍ୟାମ ଶର୍ମା, ରାମଚନ୍ଦ୍ର ଶର୍ମା, ଶ୍ୟାମସୁନ୍ଦର ଶର୍ମା, ସୁନିଲ ଶର୍ମା, ସୁରେଶ ଶର୍ମା, ଅମିତ ଶର୍ମା, ସୁମିତ ଶର୍ମା, ସନ୍ଦିପ ଶର୍ମା, ଲାଲା ଶର୍ମା, ପ୍ରମୋଦ ଶର୍ମା, ଅଶୋକ କମାନୀ, ରତନ ଅଗ୍ରବାଲ, ଦିନେଷ ଅଗ୍ରୱାଲ, ବିଜୟ ଅଗ୍ରୱାଲ, ବବଲୁ ଅଗ୍ରୱାଲ, ଅନିଲ ଅଗ୍ରୱାଲ, ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କାବ୍ୟୋତ୍ସବ 'ନାରୀର ଅନ୍ତଃସ୍ୱର'

**ଭବାନୀପାଟଣା,୨୦।୩(ସମିସ):** କଳାହାଣ୍ଡି ଲେଖିକା ସଂଘର କାବ୍ୟୋତ୍ସବ 'ନାରୀର ଅନ୍ତଃସ୍ୱର' ଅନୁଷ୍ଠିତ ହୋଇଯାଇଛି। ଅତିଥି ରୂପେ ଡ. ସୁଜାତା ମୁଣ୍ଡ ଯୋଗ ଦେଇ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନିଙ୍କ ଜ୍ୱଳନ୍ତ ଉଦାହରଣକୁ ନେଇ ପ୍ରଗତିଶୀଳ ସମାଜରେ ନାରୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅପର୍ଣ୍ଣା ପଣ୍ଡା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। କବି ସସ୍ମିତା ମୁଣ୍ଡଙ୍କ ସଂଯୋଜନାରେ ସବିତା ଶତପଥୀ, ଅନୀତା ମୁଣ୍ଡ, ବନଶ୍ରୀ ଦାସ, ଡ. ସୁଜାତା ମୁଣ୍ଡ, କବିତାଞ୍ଜଳି ପଣ୍ଡା, କଳ୍ପନା ରଥ, ମମତା ପଟ୍ଟନାୟକ, ମୀନା ମୁଣ୍ଡ, ପ୍ରେମଶୀଳା ବେହେରା, ରୀତା ପଟ୍ଟଯୋଷୀ, ସଙ୍ଗୀତା ଗହୀର, ସଂଘମିତ୍ରା କାନୁନଗୋ, ସଂଯୁକ୍ତା ମୁଣ୍ଡ, ସସ୍ମିତା ସାହୁ, ନଳିନୀପ୍ରଭା ଦାସ, ଦୀପ୍ତି ମୁଣ୍ଡ କବିତା ମୁଣ୍ଡ ପ୍ରମୁଖ କବିତା ପାଠ କରିଥିଲେ। ସଭାପତି ସୁଦେଷ୍ଣା ପଣ୍ଡା କାର୍ଯ୍ୟକ୍ର ପରିଚାଳନା କରିଥିଲେ।

## ଧର୍ମଗଡ଼ ସିଭିଲ କୋର୍ଟ ନୂଆ କୋଠା ପାଇଁ ଭିତ୍ତିପ୍ରସ୍ତର

**ଧର୍ମଗଡ଼, ୨୦।୩ (ସମିସ)**




ରାଜ୍ୟର ବିଭିନ୍ନ ସ୍ଥାନରେ ନୂତନ ଅତ୍ୟାଧୁନିକ କୋର୍ଟ ଗୃହ ନିର୍ମାଣ ପାଇଁ ବୁଧବାର ଆଭାସି ମାଧ୍ୟମରେ ଓଡ଼ିଶା ଉଚ୍ଚ ନ୍ୟାୟଳୟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କୋଠା ନିର୍ମାଣ କମିଟି ଅଧକ୍ଷ ତଥା ବିଚାରପତି ଡ. ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, କଳାହାଣ୍ଡି ପୋର୍ଟଫୋଲିଓ ବିଚାରପତି ଭି. ନରସିଂହଙ୍କ ସହ ଅନ୍ୟାନ୍ୟ ବିଚାରପତି ଓ ପଦାଧିକାରୀ ଉପସ୍ଥିତ ଥିଲେ। ରାଜ୍ୟର ୧୭ ଜିଲ୍ଲାରେ ସିଭିଲ କୋର୍ଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହିକ୍ରମରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରେ ମଧ୍ୟ ସିଭିଲ କୋର୍ଟର ନୂଆ କୋଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଧର୍ମଗଡ଼ ବିଜୁ ଏକ୍ସପ୍ରେସକୁ ଲାଗି ଚିହ୍ନଟ କରାଯାଇଥିବା ସ୍ଥାନରେ ନୂତନ କୋର୍ଟ ଗୃହ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କଳାହାଣ୍ଡି ଜିଲ୍ଲା ଜଜ ଦୀପ୍ତିରଞ୍ଜନ କାନୁନଗୋଙ୍କ ତତ୍ତ୍ୱାବଧାନରେ ଧର୍ମଗଡ଼ ଅତିରିକ୍ତ ଜିଲ୍ଲା ଦୌରା ଜଜ ସୁରେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଦେୱାନୀ ବିଚାରପତି ବିଶ୍ୱ ବିସୃତ କର, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପ୍ରଜ୍ଞା ପାରମିତା ସ୍ୱାଇଁ ଉପସ୍ଥିତ ଥିଲେ। ଧର୍ମଗଡ଼ ଓକିଲ ସଂଘର ସଭାପତି ପ୍ରସନ୍ନ ଅଗସ୍ତି, ସମ୍ପାଦକ ବିଶ୍ୱନାଥ ମୁଣ୍ଡ ଓ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟଙ୍କ ସହ ସମସ୍ତ ଓକିଲ ଓ ବିଚାରାଳୟର କର୍ମଚାରୀ ଯୋଗ ଦେଇଥିଲେ।

## ଜେଏମ୍‌ଏଫସି କୋର୍ଟ ବିଲ୍ଡିଂ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



**କୋକସରା, ୨୦।୩(ସମିସ):** କୋକସରା ସିଭିଲ୍ ଜଜ୍-କମ-ଜେଏମ୍‌ଏଫସି କୋର୍ଟ ବିଲ୍ଡିଂ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ହାଇକୋର୍ଟର ଜଷ୍ଟିସ୍ ଚକ୍ରଧାରୀ ଶାରନ୍ ସିଂଙ୍କ ଦ୍ୱାରା ଅଭାସି ଜରିଆରେ ଶିଳାନ୍ୟାସ ହୋଇଛି। ଓଡ଼ିଶା ହାଇକୋର୍ଟ ବିଚାରପତି ତଥା ନିର୍ମାଣ କମିଟି ଅଧକ୍ଷ ଜଷ୍ଟିସ ବି.ଆର ଡଷଙ୍ଗୀ ଏବଂ ଆଡମିନିଷ୍ଟ୍ରେଟିଭ୍ ଜଜ୍ (କାଳାହାଣ୍ଡି) ଜଷ୍ଟିସ୍ ଭି. ନରସିଂହ ପ୍ରମୁଖ ରହିଥିଲେ। ଏହି କ୍ରମରେ କୋକସରାଠାରେ କଳାହାଣ୍ଡି ଜିଲ୍ଲା ଜଜ୍ ଦୀପ୍ତିରଞ୍ଜନ କାନୁନଗୋ, ଜିଲ୍ଲା କୋର୍ଟର ରେଜିଷ୍ଟ୍ରାର ଶ୍ରୀଦୀପ ମିଶ୍ର, କୋକସରା ଜେଏମ୍‌ଏଫସି କୋର୍ଟ ବିଚାରପତି ରିତିକା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କପିଳେନ୍ଦ୍ର ସିଂ, ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ମାଝୀ, କନିଷ୍ଠ ଯନ୍ତ୍ରୀ ସୁରେଶ ବରିହା, ସରକାରୀ ଆଇନଜୀବୀ ଅଜିତ୍ ପଟ୍ଟନାୟକ, ଆଇନଜୀବୀ ପଞ୍ଚାନନ ବେଶ୍ରା, ଲକ୍ଷ୍ମୀଧର ମେହେର, ପ୍ରିୟରଞ୍ଜନ ବେହେରା, ଲଳିତ ଦାସ, ଲକ୍ଷ୍ମୀ ଖମାରୀ, ମନୋଜ ନାଏକ, ଜଗା ପଟ୍ଟନାୟକ, ରଶିକରାଜ ଦୁର୍ଗାଙ୍କ ସମେତ କୋକସରା କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି କୋର୍ଟ ବିଲ୍ଡିଂ ପାଇଁ ୪୧୩.୦୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

## ଖବରକାଗଜ ବିତରକଙ୍କ ଅକାଳ ବିୟୋଗ



**ହରଭଙ୍ଗା/ଚାରିଛକ, ୨୦।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ବାସିନ୍ଦା ତଥା ଖବର କାଗଜ ବିତରକ ଶଶିକାନ୍ତ ସାହୁଙ୍କ ନିଜ ବାସଭବନରେ ବୁଧବାର ହଠାତ ଅକାଳ ବିୟୋଗ ହୋଇଯାଇଛି। ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶଶାଙ୍କ ଶେଖର ମିଶ୍ର, ହରଭଙ୍ଗା ବ୍ଲକ ସାମ୍ବାଦିକ ସଂଘ ସଭାପତି ନରେନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ବାଘ, ଅଜିତ ବାରିକ, ସଜ୍ଜନ ଅଗ୍ରୱାଲା, ହରଭଙ୍ଗା ବ୍ଲକ ସାମ୍ବାଦିକ ସଂଘ ଉପଦେଷ୍ଟା ତଥା ଭୈରବୀ ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ ପ୍ରଧାନ, ସାମ୍ବାଦିକ ସୌମ୍ୟରଞ୍ଜନ ସାହଙ୍କ ସମେତ ପୁରୁଣାକଟକ ବଜାର ବିଭିନ୍ନ ବ୍ୟବସାୟୀ, ବନ୍ଧୁ ବାନ୍ଧବ, ପ୍ରିୟଜନ, ସାଥି ପହଞ୍ଚିଥିଲେ। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଦୁଇ ଝିଅ ସାଇଶ୍ରୀ (୧୦) ଓ ଶ୍ରୀୟଂସୀ (୫)କୁ ନେଇ ପତ୍ନୀ ସୁହାସିନୀ ଭାଙ୍ଗି ପଡ଼ିଛନ୍ତି।

## ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା

**ଶଗଡ଼ା, ୨୦।୩(ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ପକ୍ଷରୁ କଣ୍ଟାମାଳ ବନାଞ୍ଚଳ ଅଧୀନ ୨୬ଟି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧର ପ୍ରଣାମ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଉପରେ ବିଭିନ୍ନ ସଚେତନତାଧର୍ମୀ ନାଟକ ପରିବେଷିତ ହୋଇଥିଲା। ଜଙ୍ଗଲକୁ ନିଆଁ ଦାଉରୁ କିଭଳି ରକ୍ଷା କରାଯାଇ ବନ୍ୟଜନ୍ତୁଙ୍କ ସୁରକ୍ଷା କରାଯିବ ସେ ନେଇ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା।

## ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ସମାରୋହ

**ଶଗଡ଼ା, ୨୦।୩(ସମିସ):** କଣ୍ଟାମାଳ ବ୍ଲକ ବିଳାସପୁର ସ୍ଥିତ ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଳାସପୁର ଡୁମାଳ ପରିଷଦ ଶାଖା ପକ୍ଷରୁ ବାର୍ଷିକ ଉତ୍ସବ ସମାରୋହ ଧୁମଧାମରେ ପାଳିତ ହୋଇଯାଇଛି। ପଞ୍ଚବାଦ୍ୟ ଓ କୀର୍ତ୍ତନ ମଣ୍ଡଳୀ ସହ ଏକ ବିରାଟ ଶୋଭାଯାତ୍ରାରେ ଡୁମାଳ ସମାଜର ଶତାଧିକ ମହିଳା ନିକଟସ୍ଥ ମେହେରୁଣୀ ନାଳରୁ କଳସରେ ପାଣି ଆଣି ଯଜ୍ଞ ସ୍ଥଳକୁ ଆଣିଥିଲେ। ସାଲେଭଟାର ଗିରିଧାରୀ ମିଶ୍ର ମାତୃଶକ୍ତି ଉପରେ ପ୍ରବଚନ ଦେଇଥିବା ବେଳେ ସନ୍ଧ୍ୟାରେ ଗୁଡ଼ଭେଲି ପଦର ଗ୍ରାମର ଦିବ୍ୟଶକ୍ତି ଭଜନ ମଣ୍ଡଳୀ ଭଜନ ପରିବେଷଣ କରିଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଯୁବନେତା ସୁଧୀର ମହାକୁଡ, କହ୍ନେଇ ଚରଣ ଡାଙ୍ଗ, ମାଗୁଣି ଗାଇଗରିଆ, ସୀତାଂଶୁ ମହାକୁଡ, କାହ୍ନୁଚରଣ ମେଶ୍ରଆ ପ୍ରମୁଖ ଉପସ୍ଥିତ ଥିଲେ। ଘନଶ୍ୟାମ ପ୍ରଧାନ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇଥଲେ। ବାସୁଦେବ ହୋତା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କମିଟିର ସଭାପତି ବିଦ୍ୟାଧର ମହାକୁଡ, ସମ୍ପାଦକ ସତ୍ୟନାରାୟଣ ବଘାର ପ୍ରମୁଖ ସହଯୋଗ କରିଥଲେ। ସୁଦାମ ଚରଣ ଖମାରୀ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଶିବ ମନ୍ଦିର ପ୍ରତିଷ୍ଠା, ନାମଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା

**ଶଗଡ଼ା, ୨୦।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ତବଡ଼ା ଗ୍ରାମସ୍ଥିତ ଯୋଗେଶ୍ୱର ବାବାଙ୍କ ମନ୍ଦିର ରତ୍ନମୁଦ, ମନ୍ଦିର ପ୍ରତିଷ୍ଠା, ବିଗ୍ରହ ପ୍ରତିଷ୍ଠା ଓ ୨୪ ପ୍ରହର ନାମଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ତବଡ଼ା, ତମ୍ବାସିନା, ମାଣିକପୁର, ଶ୍ରୀମାଳ, ଡଙ୍ଗାକଟା, ବଡ଼ବାହାଲ, ବିରାମୁଣ୍ଡା, ମାଲପଡ଼ା ଆଦି ସମସ୍ତ ଗ୍ରାମର ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମନ୍ଦିରରୁ ପ୍ରାୟ ୩କିମି ଦୂରରେ ଥିବା ବନ୍ଧଖଣ୍ଡି ତେଲ ନଦୀ ଘାଟରୁ ପୂଜାର୍ଚ୍ଚନା ପରେ ଜଳପୂର୍ଣ୍ଣ କଳସ ଧରି ଶଙ୍ଖ, ଘଣ୍ଟ, ସଂକୀର୍ତ୍ତନର ତାଳେ ତାଳେ ଗାଁ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଗାୟିକା ବର୍ଷାରାଣୀ ତ୍ରିପାଠିଙ୍କ ଦ୍ୱାରା ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା। ୭ ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ରଣା ପ୍ରକାଶ କରିଛନ୍ତି।

## ଚାଷୀ ଆଗରେ ହାର୍ ମାନେ ବୟସ
# ପରିଣତ ବୟସରେ ଫଳାଉଛନ୍ତି ରଙ୍ଗବେରଙ୍ଗର କୋବି

**ସୋନପୁର, ୨୦।୩(ସମିସ)**

ଇଚ୍ଛାଶକ୍ତି ଥିଲେ ବୟସ କେବେ ବାଧକ ସାଜି ପାରେ ନାହିଁ। ପ୍ରତିକୂଳ ପରିସ୍ଥିତିରେ ବି ଦୃଢ ଇଚ୍ଛାଶକ୍ତି ସମ୍ପନ୍ନ ବ୍ୟକ୍ତି ହାର ମାନେ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ରକ୍ସା ଗ୍ରାମର ୬୪ ବର୍ଷୀୟ ଶରତ ପୁରୋହିତ।

ବୟସାଧିକ୍ୟ ସତ୍ତ୍ୱେ ସେ ଥକି ପଡ଼ି ନାହାନ୍ତି। ନାଲି, ହଳଦିଆ, ସବୁଜ ଆଦି ରଙ୍ଗୀନ ଫୁଲକୋବି ଚାଷ କରି ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି। କେବଳ ଫୁଲକୋବି ନୁହେ; ବ୍ରକୋଲି, ବାଇଗଣି ବନ୍ଧାକୋବି, ଚାଇନିଜ୍ ବନ୍ଧାକୋବି ଆଦି ପାଇଁ ବି ଶରତଙ୍କ ବଗିଚାକୁ ଲୋକେ ଟାଣି ହୋଇ ଆସୁଛନ୍ତି। ଶରତଙ୍କ ଆଉ ଏକ କିଆରୀରେ ହସୁଛି ଜୈବିକ ପଦ୍ଧତିରେ ଚାଷ ହୋଇଥିବା ଲଙ୍କା ଏବଂ ବିଲାତି। ନିଜର ଉତ୍ପାଦିତ ପନିପରିବାକୁ





ବିଭିନ୍ନ ହାଟକୁ ନେଇ ସେ ଭଲ ରୋଜଗାର କରୁଛନ୍ତି। ପନିପରିବା ଚାଷରୁ ଭଲ ଲାଭ ମିଳୁଛି କି ବୋଲି ପଚାରିଲେ ଶରତ କୁହନ୍ତି ଏହି ଚାଷରୁ ସେ ତାଙ୍କ ୩ ପୁଅକୁ ଭଲ ପାଠ ପଢ଼ାଇ ମଣିଷ କରିପାରିଛନ୍ତି। ଶରତ ଖୁବ୍ ପରିଶ୍ରମୀ। ସେ ସାରାଦିନ କେତେବେଳେ ହାତରେ କୋଦାଳ ଧରି ମାଟି କୋଡି ଦିଅନ୍ତି ତ କେତେବେଳେ ହାତରେ ପାଣି ଜାର୍ ଧରି ଗଛ ମୂଳରେ ପାଣି ଦିଅନ୍ତି। ପୁଣି ପାଖରେ ଥିବା ଲୋକଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବାକୁ ପ୍ରବର୍ତ୍ତାଇଥାନ୍ତି। ଶରତଙ୍କ ମାତ୍ର ୩ ଏକର ଜମି ଅଛି। ଚାଳ ଛପର ଘରେ ନିରାଡମ୍ବର ଜୀବନ ଯାପନ କରୁଥିବା ଶରତ ଗାଁ ଲୋକଙ୍କ ବୁଝାମଣାରେ କିଛି ଅପନ୍ତରା ଜମିକୁ ନିଜେ ସଜାଡି ପରିବା ଚାଷ ଆରମ୍ଭ କରଥିଲେ। ଏବେ ସେ ଅଞ୍ଚଳର ଜଣେ ସଫଳ ପରିବା ଚାଷୀ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବର୍ତ୍ତମାନ ପରିସ୍ଥିତରେ ବି ରାସାୟନିକ ସାରର ପ୍ରୟୋଗ ନ କରି ସେହି ବଗିଚାରେ ଜୈବିକ ଖତ ଏବଂ ଔଷଧ ପ୍ରସ୍ତୁତ କରି ପନିପରିବା ଚାଷରେ ପ୍ରୟୋଗ କରୁଛନ୍ତି। ପରିଶ୍ରମ ବଳରେ ଶରତ ସଫଳତାର ସିଡି ଚଢି ପ୍ରେରଣା ସାଜିଛନ୍ତି।

## ତରଭାରେ ନୂତନ ସିଭିଲ୍ କୋର୍ଟ କୋଠାର ଭିତ୍ତିପ୍ରସ୍ତର

**ତରଭା, ୨୦।୩(ସମିସ):** ତରଭା ଜବାହର ନବୋଦୟ ବିଦ୍ୟାଳୟ ନିକଟରେ ନିର୍ମାଣ ହେବାକୁ ଥିବା ନୂତନ ସିଭିଲ କୋର୍ଟ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂଙ୍କ ଦ୍ୱାରା ଅଭାସି ମାଧ୍ୟମରେ ବୁଧବାର ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଅଭାସି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଲଡିଂ କମିଟିର ଚେୟାରମ୍ୟାନ ଜଷ୍ଟିସ ବି ଆର ଷଡଙ୍ଗୀ ଓ ଓଡ଼ିଶା ହାଇକୋର୍ଟ ବିଚାରପତି ତଥା ସୋନପୁର ଜଜସିପ୍‌ର ପ୍ରଶାସନିକ ନ୍ୟାୟାଧୀଶ ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଏଠାରେ ସୋନପୁର ଜିଲ୍ଲା ଜଜ ରଶ୍ମି ମୋହନ ଆଚାର୍ଯ୍ୟ ସିଭିଲ କୋର୍ଟ ରେଜିଷ୍ଟ୍ରାର ସଦ୍ୟାସ୍ନାନତା ପତି, ତରଭା ଜେଏମଏଫସି ସବିତା କୁମାରୀ ପଣ୍ଡା, ସିଷ୍ଟମ ଆସିଷ୍ଟାଣ୍ଟ କୀର୍ତ୍ତିରଞ୍ଜନ ଘଡାଇ, ଚନ୍ଦ୍ରକାନ୍ତ ପରୁଆ, ବିରାଜଲକ୍ଷ୍ମୀ ବହିଦାରଙ୍କ ସମେତ ତରଭା ଜେଏମଏଫରେ କାର୍ଯ୍ୟରତ ଅନ୍ୟାନ୍ୟ କର୍ମଚାରୀ ଓ ଓକିଲ ଉପସ୍ଥିତ ଥିଲେ।

## ମୋବାଇଲ୍ ଫେରାଇଲେ ଡ୍ରାଇଭର

**ଜହ୍ନାପଙ୍କ, ୨୦।୩(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣ ନଗର ଗ୍ରାମର ଡ୍ରାଇଭର ସୋମନାଥ ବେହେରା ପାଇଥିବା ଏକ ମୋବାଇଲ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫେରାଇ ଦେଇଛନ୍ତି। ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଖବସାକନା ସ୍କୁଲ ନିକଟରୁ ସେ ଫୋନ୍‌ଟି ରାସ୍ତାରୁ ପାଇଥିଲେ। ଏହା ଡୁଙ୍ଗୁରିପାଲି ନଙ୍ଗଲକଟା ଗ୍ରାମର ଶିକ୍ଷକ ତରଣିସେନ ପ୍ରଧାନଙ୍କ ବୋଲି ଜଣା ପଡ଼ିଥିଲେ। ଶିକ୍ଷକ ଶ୍ରୀ ପ୍ରଧାନ ସ୍କୁଲ ଯାଉଥିବା ବେଳେ ମୋବାଇଲଟି ପଡ଼ିଯାଇଥିଲା। ସ୍କୁଲରେ ପହଞ୍ଚି ପକେଟରେ ମୋବାଇଲ ନମ୍ବର ନ ଥିବା ଦେଖି ସେ ବିଚଳିତ ହୋଇଯାଇଥିଲେ। ତୁରନ୍ତ ଅନ୍ୟ ଜଣେ ସହକର୍ମୀଙ୍କ ଫୋନ୍‌ରୁ ନିଜ ଫୋନକୁ କଲ୍ କରିଥିଲେ। ଆଉ ଯେ ଫୋନ୍‌ଟି ମିଳିବ ତାହା ଖୁବ୍ କମ୍ ଆଶା ଥିଲା। ତେବେ ଫୋନ୍‌ଟିକୁ ପାଇଥିବା ଶ୍ରୀ ବେହେରା



କଲ୍ ରିସିଭ୍ କରିଥିଲେ। ଶିକ୍ଷକଙ୍କଠାରୁ ସବୁ ଶୁଣିବା ପରେ ଆସି ନେଇଯିବାକୁ କହିଥିଲେ। ଏହାପରେ ଶ୍ରୀ ପ୍ରଧାନ ଜହ୍ନାପଙ୍କ ଆସି ଶ୍ରୀ ବେହେରାଙ୍କ ପାଖରୁ ମୋବାଇଲ ନେବା ସହ ତାଙ୍କୁ ପ୍ରଶଂସା କରିଥିଲେ। ବର୍ତ୍ତମାନ ସମୟରେ ଦିନକୁ ଦିନ ଶହ ଶହ ଫୋନ୍ ଚୋରି ହେଉଛି। କେହି କେଉଁଠୁ ଫୋନ୍‌ଟିଏ ରାସ୍ତାରୁ ପାଇଲେ ବି ଫେରାଉ ନାହାନ୍ତି। ଏଭଳି ସମୟରେ ଶ୍ରୀ ବେହେରା ଫୋନ୍ ଫେରାଇ ନିଜର ମହତ ପଣିଆ ଦେଖାଇଛନ୍ତି। ଶିକ୍ଷକ ଶ୍ରୀ ପ୍ରଧାନ କହିଛନ୍ତି ଯେ, ସତରେ ଏ ସମାଜରେ ଏଭଳି କିଛି ଭଲ ମଣିଷ ଅଛନ୍ତି। ସେମାନଙ୍କ ପାଇଁ ହିଁ ସମାଜରେ ମଣିଷପଣିଆ ବଞ୍ଚି ରହିଛି। ବିଶ୍ୱାସ ଭରସା ଶବ୍ଦଗୁଡ଼ିକ ମଧ୍ୟ ଏଥିପାଇଁ ହଜିଯାଇପାରୁନି।

## ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ, ମହିମା ବାଲ୍ୟଲୀଳା ଉଦ୍‌ଯାପିତ



**ଜହ୍ନାପଙ୍କ, ୨୦।୩(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ପୋଲାମ ଗ୍ରାମର ଗୁହିରାଟିକରାଠାରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ମହିମା ବାଲ୍ୟଲୀଳା ଉଦ୍‌ଯାପିତ ହୋଇଛି। ବ୍ରହ୍ମାବଧୂତ କୂଳଧର ବାବା ଏବଂ ସାଧୁ କୃଷ୍ଣଚନ୍ଦ୍ର ଦାଶଙ୍କ ପୌରୋହିତ୍ୱରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। ବ୍ରହ୍ମ ନାମ ନଗର ପରିକ୍ରମା ପରେ ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଛି। ଏହି ଯଜ୍ଞରେ ଆଖପାଖ ଅଞ୍ଚଳରୁ ୧୭ଟି ସଙ୍କୀର୍ତ୍ତନ ଓ କୃଷ୍ଣଗୁରୁ ଦଳ ଯୋଗ ଦେଇଥିଲେ। ସାଧୁ କୃଷ୍ଣ ଚନ୍ଦ୍ର ଦାସ, ସାଧୁ ଯଶୋବନ୍ତ ଦାସ, ସାଧୁ କରୁଣା ଦାସ, ସାଧୁ ଝସ କେତନ ଦାସ, ସାଧୁ ଶ୍ୟାମ ଦାସ ଘୃତଯଜ୍ଞରେ ଆହୁତି ପ୍ରଦାନ କରି ବିଶ୍ୱଶାନ୍ତି ଓ ଭକ୍ତଙ୍କ ମଙ୍ଗଳ ନିମନ୍ତେ ମହିମା ଗୋସାଇଁଙ୍କଠାରେ ପ୍ରାର୍ଥନା କରିଥିଲେ।

## ଘଣ୍ଟାପଡ଼ାରେ ପୁଲିସ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ଶଗଡ଼ା, ୨୦।୩(ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ପକ୍ଷରୁ ଘଣ୍ଟାପଡ଼ାଠାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ମାଧବଚନ୍ଦ୍ର ଟାକ୍ରିଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ବିଶ୍ୱାମିତ୍ର ଲୋଇଙ୍କ ନେତୃତ୍ୱରେ ୨ପ୍ଲାଟୁନ ଯବାନ ଏହି ଫ୍ଲାଗମାର୍ଚ୍ଚରେ ସାମିଲ ହୋଇଥିଲେ। ଘଣ୍ଟାପଡ଼ା ବଜାର ଛକରୁ ଘଣ୍ଟାପଡ଼ା ଗ୍ରାମ ପର୍ଯ୍ୟନ୍ତ ସଶସ୍ତ୍ର ପୁଲିସ ବାହିନୀ ଏହି ଫ୍ଲାଗମାର୍ଚ୍ଚ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ ଓ ଶାନ୍ତିପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ନିର୍ଭୟରେ ମତଦାନ କରିବା ଉଦ୍ଦେଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି।

## ଦୁର୍ଗମ ଅଞ୍ଚଳର ଲୋକଙ୍କୁ ଭେଟିଲେ ଜିଲ୍ଲାପାଳ, ଏସପି



**ଶଗଡ଼ା, ୨୦।୩(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଆମ୍ବଝରୀ ପଞ୍ଚାୟତର ଦୁର୍ଗମ ଅଞ୍ଚଳ ମାତାଗାଡୁ ଗ୍ରାମରେ ଜିଲ୍ଲାପାଳ ଜେ ସୋନାଲ ଓ ଏସପି ରାଜ ପ୍ରସାଦ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଛନ୍ତି। ରାସ୍ତାଘାଟ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଆଦି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ସମସ୍ୟା ରହିଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମର ଏକମାତ୍ର ନଳକୂପରୁ ପାଣି ବାହାରୁ ନ ଥିବା ଜିଲ୍ଲାପାଳ ଦେଖିବାକୁ ପାଇଥିଲେ। ଅଧିକାଂଶ ସମୟରେ ଏଠାରେ ମହିଳା ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସୁଷମ ଖାଦ୍ୟ ଠିକ୍ ଭାବେ ମିଳୁ ନ ଥିବା ନେଇ ଗ୍ରାମର ମହିଳାମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିଭଳି ଏଠାରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଠିକ୍ ଭାବରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ କରାଯାଇଛି।

## ଘରଚଟିଆର ସୁରକ୍ଷା ଲାଗି ଆହ୍ୱାନ




**ହରଭଙ୍ଗା, ୨୦।୩(ସମିସ):** ବୀରନରସିଂପୁରସ୍ଥିତ ନର୍ସରୀଠାରେ ବୌଦ୍ଧ ବନଖଣ୍ଡ ପକ୍ଷରୁ ବୁଧବାର ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଛି। ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ସିଦ୍ଧେଶ୍ୱର ମହାରଣା, ବୌଦ୍ଧ ପଞ୍ଚାୟତ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର, ଅଧ୍ୟାପକ ପ୍ରବୀର ଦାସ, ବୌଦ୍ଧ ପଶୁ ଚିକିତ୍ସା ଅଧିକାରୀ ଡା. ପ୍ରିୟବ୍ରତ ବେହେରା ପ୍ରମୁଖ ଯୋଗଦେଇ ଘରଚଟିଆଙ୍କ ସୁରକ୍ଷା ଲାଗି ଆହ୍ୱାନ ଦେଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ



**ମନମୁଣ୍ଡା, ୨୦।୩(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଯାଇଅଛି। ଅଭିଭାବିକା ସନ୍ତୋଷିନୀ ମେହେର ଏହାକୁ ଉଦ୍‌ଘାଟନ କରିଥି। ସହ ପ୍ରଧାନ ଆଚାର୍ଯ୍ୟ ବାସୁଦେବ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସୁବର୍ଣ୍ଣପୁର ବିଭାଗ ନିରୀକ୍ଷକ ଗୁପ୍ତେଶ୍ୱର ଥନାପତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶା କ୍ଷେତ୍ର ସଙ୍ଗୀତ ସଂଯୋଜକ ମୋହନ ରାଓ ପାତ୍ର ଶୈକ୍ଷିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ପରିଚାଳନା ସମିତି ସଦସ୍ୟ ଶାନ୍ତନୁ ପ୍ରଧାନ, ସଦସ୍ୟା ସୁନୀତା ହୋତା ଆଚାର୍ଯ୍ୟ, ବ୍ରଜମୋହନ କର୍ମୀ, ଶିଶୁ ବାଟିକା ପ୍ରମୁଖ ଅଞ୍ଜଳି ପାତ୍ର ଓ ସମସ୍ତ ଗୁରୁଜୀ ଗୁରମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିରରେ ପଖାଳ ଅର୍ପଣ

ବୌଦ୍ଧ, ୨୦।୩(ସମିସ): ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରରେ ଜିଲ୍ଲା ବ୍ରାହ୍ମଣ ସମାଜ ଓ ଶ୍ରୀଜଗନ୍ନାଥ ଚେତନା ସେବା ସମିତି ତରଫରୁ ଦହି ପଖାଳ ଭୋଗ ଲାଗି କରାଯାଇଛି। ପୂଜକ ବିଭୁଦତ୍ତ ପଣ୍ଡା, ପ୍ରିୟବ୍ରତ ପଣ୍ଡା ଠାକୁରଙ୍କ ନିକଟରେ ଦହି ପଖାଳ, ଚଣା, ଶାଗ, ବିଭିନ୍ନ ପ୍ରକାର ଭଜା ଅର୍ପଣ କରିଥିଲେ। ପରେ ଏହା ଉପସ୍ଥିତ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରୀ ସମ୍ପାଦକ ରାମ ପ୍ରସାଦ ଦାଶ, ଜିଲ୍ଲା ସଭାପତି ଗୁରୁପ୍ରସାଦ ଦାଶ, ସମ୍ପାଦକ ଦେବାଶିଷ ପୁରୋହିତ ପ୍ରମୁଖ ସାମିଲ ହୋଇଥିଲେ।



## ୩ କୁଇଣ୍ଟାଲ ୮୫ କେଜି ଗଞ୍ଜେଇ ଜବତ

**ଶଗଡ଼ା/ମନମୁଣ୍ଡା, ୨୦।୩(ସମିସ):** ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଅଧୀନ ବାରକୁଥୁଲି ଗ୍ରାମ ନିକଟରୁ ପୁଲିସ ୩ କୁଇଣ୍ଟାଲ ୮୫ କେଜି ଗଞ୍ଜେଇ ଜବତ କରିଛି; ହେଲେ ମାଫିଆ ଫେରାର ମାରିଛନ୍ତି। ବୌଦ୍ଧ ଏସଡିପିଓ କୁଲଦୀପ ମିନା ମନମୁଣ୍ଡା ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରଜୁ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ରାମ ମୁର୍ମୁ ଉପସ୍ଥିତ ଥିଲେ।




## ମୁକୁଳା ଡ୍ରେନ୍‌ରେ ପଡ଼ି ବାଛୁରି ଗୁରୁତର

**ହରଭଙ୍ଗା, ୨୦।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗାରେ ଏକ ମୁକୁଳା ଡ୍ରେନ୍‌ରେ ପଡ଼ି ଗୋଟିଏ ବାଛୁରି ଗୁରୁତର ହୋଇଛି। ଜାତୀୟ ରାଜପଥର ମୁକୁଳା ଡ୍ରେନରେ ଏହି ଅଘଟଣ ଘଟିଛି। ଏକ କଅଁଳ ବାଛୁରୀ ପଡ଼ି ଲହୁ ଲୁହାଣ ହୋଇଥିବାବେଳେ ଅଗ୍ନିଶମ



ବାହିନୀ ଉଦ୍ଧାର କରିଛି। ୫୭ନଂ ଜାତୀୟ ରାଜପଥ ହରଭଙ୍ଗା ବ୍ଲକର ପୁରୁଣାକଟକ ବଜାର ପାର୍ଶ୍ୱରେ ଡ୍ରେନ୍ ମୁକୁଳା ରହିଛି। ଏଣୁ ଦୁର୍ଘଟଣା ଘଟୁଛି। ଏ ନେଇ ବାରମ୍ବାର ବିଭାଗ ନିକଟରେ ଅଭିଯୋଗ ହୋଇ ଆସୁଛି; ହେଲେ କୌଣସି ଲାଭ ହେଉନି।



# ସାମାନ୍ୟ ବର୍ଷାରେ ବେହାଲ୍ ବାଇପାସ୍ ରାସ୍ତା
## ଆଣ୍ଠୁଏ କାଦୁଅରେ ଯାଉଛନ୍ତି ଲୋକେ

**ଶଗଡ଼ା, ୨୦।୩(ସମିସ)**

ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉନ୍ନତମାନର ରାସ୍ତା ନିର୍ମାଣ କରୁଛନ୍ତି; ହେଲେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ମଲିକ ପଦରଠାରୁ ବଲନ୍ଦା ପଡ଼ା ଯାଇଥିବା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି। ଶିମିଳିଜୋରା ଓ ତିଳକାମାଳ ରାସ୍ତା ମଝିରେ ଏକ ପୋଲ ନିର୍ମାଣ ଚାଲିଛି। ଏହି ପୋଲ ନିର୍ମାଣ ପାଇଁ ରାସ୍ତା ଖୋଳା ଯାଇଥିବା ବେଳେ ଯାତାୟତ ପାଇଁ ଏକ ବାଇପାସ୍ ରାସ୍ତା ଦିଆ ଯାଇଛି; ହେଲେ ବାଇପାସ୍ ରାସ୍ତା ଠିକ୍ ଭାବରେ କରାଯାଇ ନାହିଁ। ସାମାନ୍ୟ ବର୍ଷାରେ ବାଇପାସ୍ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। କାଦୁଅ ସହ ପାଣି ଯୋଗୁଁ ଯାତାୟତ ସମ୍ଭବ ହେଉ ନ ଥିବା ବେଳେ ଅନେକ ଲୋକ କାଦୁଅରେ ପଡ଼ି ଯାଇଥିବା ଦେଖିବାକୁ ମିଳିଛି। ଏପରିକି ଏହି ରାସ୍ତାରେ ଚାରି ଚକିଆ ଯାନ ଯିବା ମଧ୍ୟ ସମ୍ଭବ ନୁହେଁ। ଏହି ବାଇପାସ୍ ରାସ୍ତାକୁ ଠିକ୍ ଭାବେ ମରାମତି କରି ଯାତାୟତ ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଯାଦବ ନେତା ବିଜେଡିରେ ସାମିଲ



**ଟିଟିଲାଗଡ଼, ୨୦।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁଙ୍କ ବାସଭବନରେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି ଟିଟିଲାଗଡ଼ ବ୍ଲକର ପୂର୍ବତନ ଅଧକ୍ଷ ଯାଦବ ନେତା ପିତାମ୍ବର ବଗର୍ତ୍ତୀଙ୍କ ସୁପୁତ୍ର ଜୟନ୍ତ ବଗର୍ତ୍ତୀ ଓ ରାଧା ବଗର୍ତ୍ତୀ। ସିହିନୀ ଗ୍ରାମପଞ୍ଚାୟତର ନିଜ ସହଯୋଗୀଙ୍କ ସହିତ ଭାରତୀୟ ଜନତା ପାର୍ଟି ଛାଡି ବିଜୁ ଜନତା ଦଳରେରେ ସାମିଲ ହୋଇଥିବା ଜଣାପଡ଼ିଛି।

# ଚକାପିଠାକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦାବି

**ସୋନପୁର, ୨୦।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ତରଭା ଏବଂ ବଲାଙ୍ଗିର ଜିଲ୍ଲାର ବଏରାସରଠାରେ ପ୍ରସ୍ତୁତ ହେଉଥିବା ସୁଆଦିଆ ଚକାପିଠାକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ଦାବି ହୋଇଛି। ଏହାଦ୍ୱାରା ସ୍ଥାନୀୟ କାରିଗରମାନେ ପ୍ରୋତ୍ସାହନ ପାଇବା ସହ ଉତ୍ସାହିତ ହେବେ ବୋଲି କୁହାଯାଇଛି। ଏନେଇ ମୁଖ୍ୟ ଶାସନ ସଚିବ ଏବଂ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡ଼ିଛି। ୧୯୨୭ରେ ବଂଶୀଧର ନାମକ ଜଣେ ମିଠା ଦୋକାନୀ ପ୍ରଥମେ ଚକାପିଠା ପ୍ରସ୍ତୁତ କରିଥିଲେ। ଦୀର୍ଘ ୯୭ ବର୍ଷ ହେଲା ପଶ୍ଚିମ ଓଡ଼ିଶା ତଥା ରାଜ୍ୟର ବିଭିନ୍ନ ଜିଲ୍ଲାର ଗ୍ରାହକଙ୍କୁ ଚକାପିଠା ତାର ସ୍ୱାଦ ବାଣ୍ଟି ଆସୁଛି। ନିଆରା ଢଙ୍ଗରେ ତିଆରି ହେଉଥିବା ସ୍ୱାଦିଷ୍ଟ ଚକାପିଠାକୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ପ୍ରଦାନ ପାଇଁ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ପ୍ରସ୍ତାବ ରଖିବା ପାଇଁ ସେ ସରକାରଙ୍କୁ ଜଣାଇଛନ୍ତି।



ଦୁର୍ନୀତିରେ ଛନ୍ଦା ହୋଇଛି ବିକାଶ !


# କେବେ ସରିବ ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳବାସୀଙ୍କ ଦୁଃଖ ?

**ଥୁଆମୂଳ ରାମପୁର, ୨୦।୩(ସମିସ)**

ସାଧାରଣତଃ ଉତ୍ତମ ଗମନାଗମନ ବ୍ୟବସ୍ଥା ହିଁ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିଥାଏ। କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳବନ୍ଦୀ ଭାବେ ବସବାସ କରୁଥିବା ପୋଡାପଦର ଗ୍ରାମପଞ୍ଚାୟତର ୧୬ ଏବଂ ମାଳିଗାଁ ପଞ୍ଚାୟତର ଗୋଟିଏ ଏମିତି ୧୭ ଖଣ୍ଡ ଗ୍ରାମବାସୀଙ୍କ ଜୀବନ ଏବେ ଅଭିଶପ୍ତ। ଅସହାୟ ତଥା ଅନ୍ଧକାର ଅବସ୍ଥାରେ ଏଠିକାର ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଭବିଷ୍ୟତ। ପୋଡାପଦର ପଞ୍ଚାୟତ ଅଧିନର ଲିଟିମସ୍କା, ଭୁରଭୁରି ଟେମରା, ଘୁଟୁଖାଲ, ସରାପାସ, ତେନ୍ତୁଳିପଦର, କାରୁବାଡି, ତଳପୁଙ୍ଗା, କଲାଟି, ଉପର ପୁଙ୍ଗା, ତଳଝିରି, ଉପରଝିରି, କୁଟୁପାଟ, ଗୁଞ୍ଜିମାଳି, ଉପର ଗୁଞ୍ଜିମାଳି, ଢେପଟେମରା ଏବଂ ମାଳିଗାଁ ପଞ୍ଚାୟତର କେ.ଚେପଟାଘାଟ ଏସବୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ଅଞ୍ଚଳ ଭାବେ ରହି ଆସିଛି। ମାଳିଗାଁ ପଞ୍ଚାୟତର ଡି.ଚେପଟାଘାଟ ଠାରୁ ପୋଡାପଦର ପଞ୍ଚାୟତକୁ ସଂଯୋଗ କରିବାକୁ ଯାଇ ଗୋଲାଗାଡ ନଦୀ ଉପରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ନିର୍ମାଣ ସମୟର ଅବଧି ଶେଷ ହୋଇସାରିଛି। ୬କୋଟି ୬୪ଲକ୍ଷ ବ୍ୟୟ ଅଟକଳରେ ହେବାକୁଥିବା ପୋଲ ୨୧/୦୮/୨୦୨୦ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହା ୨୦ ଫେବୃଆରୀ ୨୦୨୨ରେ ସମ୍ପୂର୍ଣ୍ଣ ହେବା ନେଇ ଚୁକ୍ତି ହୋଇଥିଲା। ପ୍ରାୟ ୩୦ ପ୍ରତିଶତ କାମ ହୋଇଥିବା ବେଳେ ଠିକାଦାରଙ୍କ ଅବହେଳା ନା ବିଭାଗୀୟ ଯନ୍ତ୍ରୀ ଅବା ଅଧିକାରୀଙ୍କ ଅବହେଳା ଯୋଗୁଁ ଏତିକିରେ ନିର୍ମାଣ କାର୍ଯ୍ୟ ଅଟକିବା ବାସ୍ତବରେ ବିଡମ୍ବନାର ବିଷୟ। କେବେ ଏହି ପୋଲଟି ନିର୍ମାଣ ହେବ ଏବଂ ଏହି ଜଳବନ୍ଦୀ ଅଞ୍ଚଳକୁ ଗମନାଗମନର ପଥ ଉନ୍ମୁକ୍ତ ହେବ ଏହାର ଉତ୍ତର ନା ପ୍ରଶାସନ ନା ଜନପ୍ରତିନିଧି କାହା ପାଖରେ ମଧ୍ୟ ନାହିଁ।ଯଦି ଏହି ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ଜଳବନ୍ଦୀ ଜୀବନରୁ ମୁକ୍ତ ହୋଇପାରିଥାଆନ୍ତେ ପୋଡାପଦର ପଞ୍ଚାୟତ ଅଧିବାସୀ।ସମ୍ଭବତଃ ଅଞ୍ଚଳ ପାଇଁ ବିକାଶର ବାଟ ଉନ୍ମୁକ୍ତ ହୋଇଥାଆନ୍ତା। ଗୋଲାଗାଡ ନଦୀରେ ଏକ ଫାଇବର୍ ଭାସମାନ ଡଙ୍ଗାର ଅସ୍ଥାୟୀ ବ୍ୟବସ୍ଥା ହୋଇଛି। ଯାହା ପାରି ହୋଇ ଯିବାକୁ ଏକ ଦଉଡିର ସାହାଯ୍ୟ ନେବାକୁ ପଡିଥାଏ। ଗୋଲାଗାଡ ନଦୀକୁ ପାରି ହୋଇ ବିକାଶ ପହଞ୍ଚିବା କଷ୍ଟ ହୋଇଥିଲେ ମଧ୍ୟ ଅଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସରକାର ଏହି ଅଞ୍ଚଳର ବିକାଶ ପାଇଁ ତତ୍ପରତା ଦର୍ଶାଇ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ଏବଂ ପାନୀୟଜଳ ଯୋଜନା ଗୁଡିକ ପାଇଁ କୋଟି କୋଟି ଟଙ୍କା ଦେଇଛନ୍ତି। ସମସ୍ତ ଯୋଜନାକୁ ପ୍ରତିଘାତ କରିଛି ଗୋଲାଗାଡ ନଦୀ ଉପରେ ନିର୍ମାଣ ହେଉଥିବା ପୋଲ। ଉଚିତ ତଦାରଖର ଅବହେଳା ଯୋଗୁଁ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଗୁଡିକରେ ବ୍ୟାପକ ଅନିୟମିତତାର ଆଶଙ୍କା ରହିଛି। ଏଥିସହ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ମଧ୍ୟ ନଜର୍ କୁ ଆସୁଛି। ଅନ୍ୟପକ୍ଷରେ ୨୦୧୭-୧୮ ରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ପ୍ରାୟ ୨ କୋଟି ଟଙ୍କାର ଅନୁଦାନରେ କେ.ଚେପଟାଘାଟ ଏବଂ ତେନ୍ତୁଳିପଦର ରାସ୍ତା ମଧ୍ୟରେ ଥିବା ସାନ ନାଳା ଉପରେ ପୋଲ ନିର୍ମାଣ ହୋଇଥିଲା। ବର୍ତ୍ତମାନ ତାହା ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ। ପୋଲ ଅବସ୍ଥା ଠିକ୍ ରହିଥିବା ବେଳେ ଏହାର ସୁରକ୍ଷା ବାଡ ଭୁଶୁଡି ଯାଇଥିବା ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ମୋଟ ଉପରେ କହିବାକୁ ଗଲେ ଅଞ୍ଚଳ ପାଇଁ ଆଉ ଏକ ସ୍ୱାଧୀନତାର ଅପେକ୍ଷା କରିବାକୁ ପଡିବ କି ବୋଲି ପ୍ରଶ୍ନ ଉଠୁଛି। ସରକାର କେବେ ଅଞ୍ଚଳ ବାସୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବେ ଦେଖିବା ବାକି ରହିଲା।

**ବାଧକ ସାଜିଛି ଅଧପନ୍ତରିଆ ଗୋଲାଗାଡ଼ ପୋଲ**







# ବର୍ଷାହେଲେ ବୁଡୁଛି ବିଦ୍ୟାଳୟ





**କେସିଙ୍ଗା/ଉକ୍ରେଲା, ୨୦।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉକ୍ରେଲା ପଞ୍ଚାୟତର ୩ ନମ୍ବର ୱାର୍ଡରେ ଥିବା ପ୍ରାୟ ୫୦ ବର୍ଷର ସରକାରୀ ପ୍ରାଥମିକ ବିଦ୍ୟାଳୟ ସମସ୍ୟା ଭିତରେ। ସାମାନ୍ୟ ବର୍ଷା ହେଲେ ସ୍କୁଲ ପରିସରରେ ପାଣି ଲହଡି ଭାଙ୍ଗୁଛି। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପ୍ରର୍ଯ୍ୟନ୍ତ ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଅଭାବ ରହିଛି; ଯାହା ଫଳରେ ଶିକ୍ଷାଦାନରେ ଅସୁବିଧା ହେଉଛି। ପିଇବା ପାଣି ନାହିଁ କି ବିଦ୍ୟୁତ୍ ସଂଯୋଗ ହୋଇନି। ଏଣୁ ପିଲାମାନେ ଶୋଷ ହେଲେ ପାଣି ଟୋପେ ପାଉ ନାହାନ୍ତି। ଗରମ ଦିନେ ଝାଳରେ ଭିଜୁଛନ୍ତି।

ସୁନାବେଡ଼ାରେ ପ୍ରବଳ କରାବର୍ଷା

# ଲକ୍ଷ ଲକ୍ଷ ଟଙ୍କାର ଷ୍ଟ୍ରବେରୀ ନଷ୍ଟ

**ନୂଆପଡ଼ା, ୨୦।୩(ସମିସ):** କାଳ ବୈଶାଖୀ ଯୋଗୁଁ ମଙ୍ଗଳବାର ରାତିରେ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଜାଗାରେ ଝଡ ସହ ପ୍ରବଳ କରା ବର୍ଷା ହୋଇଛି। ସୁନାବେଡାରେ ହୋଇଥିବା କରାବର୍ଷାରେ ଗରିବ, ଆଦିବାସୀ ଚାଷୀଙ୍କ ଷ୍ଟ୍ରବେରୀ ଚାଷ ନଷ୍ଟ ହୋଇଛି। ୧୦ ରୁ ୧୨ଜଣ ଚାଷୀଙ୍କ ଲକ୍ଷ ଲକ୍ଷ ଟଙ୍କାର ଚାଷ ନଷ୍ଟ ହୋଇଥିବା ଚାଷୀ ପ୍ରକାଶ କରିଛନ୍ତି। ମଙ୍ଗଳବାର ଦିନସାରା ଅଭୟାରଣ୍ୟ ଭିତରେ ପାଗ କୋହଲା ରହିଥିବାବେଳେ ବିଳମ୍ବିତ ରାତ୍ରିରେ ପ୍ରବଳ ବର୍ଷା ହୋଇଥିଲା। ଏଥିରେ ବଡ ବଡ କରା ମାଡ ହୋଇଥିଲା। ଷ୍ଟ୍ରବେରୀ ପାଇଁ ପଲିଥିନ ବେଡ୍ ଉଜୁଡିଯାଇଥିବାବେଳେ ଫଳ ସହ ପତ୍ର ନଷ୍ଟ ହୋଇଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ସୁନାବେଡାର ଯୁବରାଜ ସିଂ ଛତ୍ରିଆ, କଳିରାମ ସୁଆର, ସାଲେପଡ଼ାର ଗୌସିଂ ମାଝୀ, ସନବାହାଲିର ବିଜୟ ଝାଙ୍କର, ରାଜକୁମାର ଛତ୍ରିଆ, ଧରମସିଂ ଭୁଞ୍ଜିଆ, ଟୁନା ସିଂ ଛତ୍ରିଆ, ଗରିବ ମାଝୀ, ଅମର ସିଂ ମାଝୀଙ୍କ ଚାଷ ନଷ୍ଟ ହୋଇଛି।



# ଅଛରାଏ ବର୍ଷା ହେଲେ ରାସ୍ତାରେ ପାଣି

**ସୋନପୁର, ୨୦।୩ (ସମିସ):** ସୋନପୁର ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ଚକ୍ ଚକିଆ ରାସ୍ତା ଏବଂ ଡ୍ରେନ୍ ନିର୍ମାଣ ହେଉଛି। ତେବେ ଅଛରାଏ ବର୍ଷା ହେଲେ ସହରର ବିଭିନ୍ନ ଅଞ୍ଚଳକୁ ଦେଖିଲେ ଏହା କିଭଳି ଭାବେ ପ୍ଲାନିଂରେ ନିର୍ମାଣ ହେଉଛି ଯେ ତାହା ସହଜରେ ଅନୁମେୟ। ସୋନପୁରରେ ମଙ୍ଗଳବାର ରାତିରେ ହୋଇଥିବା କାଳ ବୈଶାଖୀ ବର୍ଷାରେ ସହରର ବିଭିନ୍ନ ସ୍ଥାନ ଏପରିକି ମୁଖ୍ୟରାସ୍ତା କଡରେ ମଧ୍ୟ ପାଣି ଜମିଛି। ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ପାଣ୍ଠି ସମ୍ପୂର୍ଣ୍ଣ କରି ଯେନତେଣ ପ୍ରକାରେ ନିର୍ମାଣ କାମ ସାରି ଦିଆଯାଉଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। କାଳବୈଶାଖୀ ବର୍ଷାରେ ପଞ୍ଚରଥ ମନ୍ଦିର ସମ୍ମୁଖ, ବସଷ୍ଟାଣ୍ଡ, ନଳିନୀ ଛକ, ନୂତନ ଟାଉନ ହଲ୍, ଆମ୍ବେଦକ ଛକ, ବ୍ଲକ ଛକର ବିଭିନ୍ନ ସ୍ଥାନରେ ପାଣି ଜମିଛି। ଏହି ପାଣି ଯୋଗୁଁ ମଶା, ମାଛି ବୃଦ୍ଧି ପାଇ ସଂକ୍ରାମକ ରୋଗ ବ୍ୟାପିବାର ଭୟ ଥିବାରୁ ରାସ୍ତା ଉପରେ ଜମିଥିବା ପାଣି କାଦୁଅକୁ ପରିଷ୍କାର କରିବା ପାଇଁ ଦାବି ହେଉଛି। ତେବେ ଅଳ୍ପ ବର୍ଷାରେ ସହରରେ ପାଣି ଜମୁଥିବା ବେଳେ ବର୍ଷା ଋତୁରେ ସ୍ଥିତି ଅସମ୍ଭାଳ ହେବା ଆଶଙ୍କା ପ୍ରକାଶ ପାଇଛି।



# ଦିବ୍ୟାଙ୍ଗ ଭତ୍ତାରୁ ବଞ୍ଚିତ କୁନ୍ତୀ

**ମ.ରାମପୁର, ୨୦।୩(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ଦେଢ଼ଶୁଳି ପଞ୍ଚାୟତ ଡମ୍ ଗାଁର ବୀର ମାଝୀଙ୍କ ଝିଅ କୁନ୍ତି ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ। ଏବେ ତାଙ୍କ ବୟସ ମାତ୍ର ୧୧। ପିଲାଟି ଦିନରୁ ସେ ଠିଆ ହେଇ ପାରୁ ନାହାନ୍ତି। ଅପହଞ୍ଚ ଗାଁ ହେଇଥିବାରୁ କେମିତି ଭିନ୍ନକ୍ଷମ ପ୍ରମାଣପତ୍ର କରିବେ ତାହା ବାପା, ମା' ଜାଣି ପାରୁ ନାହାନ୍ତି।



## ଟାଟାପାୱାର ବିରୋଧରେ ତେଜୁଛି ଜନଅସନ୍ତୋଷ

**ମ.ରାମପୁର, ୨୦।୩(ସମିସ):** ଟିପିଡବ୍ଲ୍ୟୁଓଡିଏଲର ବିଚିତ୍ର ନୀତି ପାଇଁ ହନ୍ତସନ୍ତ ହେଉଛନ୍ତି ଉପଭୋକ୍ତା। ସାମାନ୍ୟ ସମସ୍ୟା ହେଲେ ମଧ୍ୟ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବ୍ୟାହତ ହେଉଛି। ନର୍ଲାରେ ଏହି ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି; କିନ୍ତୁ ୩୩ କେଭି ବିଦ୍ୟୁତ୍‌ରେ କିଛି କାମ ଆବଶ୍ୟକ ହେଲେ ସ୍ୱତନ୍ତ୍ର ଭାବରେ ଭବାନୀପାଟଣାରୁ କର୍ମଚାରୀ ନର୍ଲା ସେକସନ୍ ଅଞ୍ଚଳକୁ ମରାମତି ପାଇଁ ଆସୁଛନ୍ତି। ଏହାଫଳରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବାକୁ ପ୍ରାୟ ୫ରୁ ୬ଘଣ୍ଟା ସମୟ ଲାଗି ଯାଉଛି। ଟାଟାପାୱାରର କର୍ମଚାରୀ କିନ୍ତୁ ବିଲ୍ ସଂଗ୍ରହରେ ଅବହେଳା କରୁ ନାହାନ୍ତି। ତେବେ ଠିକ୍‌ରେ ସେବା ନ ମିଳିବା ଓ ଉପଭୋକ୍ତା ଡିରାଣ ହେଉଥିବାରୁ ଟାଟାପାୱାର ବିରୋଧରେ ଦିନକୁ ଦିନ ଜନ ଅସନ୍ତୋଷ ତେଜୁଛି।

## ଛତିଶଗଡ଼ ସୀମା ସିଲ୍

**ନୂଆପଡ଼ା, ୨୦।୩(ସମିସ):** ଆଗକୁ ନୂଆପଡ଼ା ସମେତ ସାରା ରାଜ୍ୟରେ ସାଧାରଣ ନିର୍ବାଚନ। ଏଥିପାଇଁ ତାରିଖ ଘୋଷଣା ହୋଇସାରଛି। ନୂଆପଡ଼ା ଜିଲ୍ଲା ପୁଲିସ ପ୍ରଶାସନ ପ୍ରସ୍ତୁତି ଯୋରଦାର କରିଦେଇଛି। ଏହି ପରିପ୍ରେକ୍ଷୀରେ ନୂଆପଡ଼ା ଜିଲ୍ଲାକୁ ଲାଗିଥିବା ଛତିଶଗଡ଼ ସୀମାକୁ ନୂଆପଡ଼ା ପୁଲିସ ସିଲ୍ କରି ରଖିଛି। ଜିଲ୍ଲାର ସୀମାନ୍ତରେ ଥିବା ଖରିଆରରୋଡ଼ ଜୋଙ୍କ, ବେଲଡୁକୁରି ଥାନା ଅଞ୍ଚଳରେ ଗାଡି ମୋଟର ଯିବା ଆସିବା ଉପରେ କଡା ନଜର ରଖାଯାଇଛି। ସୀମାନ୍ତ ଅଞ୍ଚଳରେ ଅସାଧୁ କାରବାରକୁ ଅଙ୍କୁଶ ଲଗାଇବାକୁ ସଶସ୍ତ୍ର ପୁଲିସ ବଳ ପଇଁତରା ମାରୁଛି।

## ବଙ୍ଗୀୟ ବ୍ୟବସାୟୀଙ୍କ କବ୍‌ଜାରେ କେସିଙ୍ଗା

**କେସିଙ୍ଗା, ୨୦।୩(ସମିସ):** କେସିଙ୍ଗା ଅଞ୍ଚଳ ଏବେ ବଙ୍ଗୀୟ ବ୍ୟବସାୟୀଙ୍କ କବଜାରେ। ପଡୋଶୀ ପଶ୍ଚିମବଙ୍ଗ ତଥା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ସହରରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରର ୧/୨ନମ୍ବର ୱାର୍ଡର ବିଭିନ୍ନ ସ୍ଥାନରେ ଏମାନେ ଘର ଭଡ଼ା ନେଇ ରହିବା ସହ ବିଭିନ୍ନ ବ୍ୟବସାୟ କରୁଛନ୍ତି। ପ୍ରତ୍ୟେକ ଦିନ ଭୋରରୁ ୪୦ରୁ ୫୦ ଜଣ ବଙ୍ଗୀୟ ଫେରିବାଲା ସହରରୁ ନେଇ ଗାଁ ଗାଁ ବୁଲୁଛନ୍ତି। ଏମାନେ ସାଧାରଣତଃ ଅଳ୍ପ ଦାମର ବିଭିନ୍ନ ପ୍ଲାଷ୍ଟିକ ସାମଗ୍ରୀ, ଖେଳଣା, ଚେୟାର, ଷ୍ଟିଲ ବାସନ କୁସନ୍ ଇତ୍ୟାଦି ବ୍ୟବସାୟ କରୁଛନ୍ତି। ତେବେ ସ୍ଥାନୀୟ ପ୍ରଶାସନ ଏହା ଉପରେ ପଦକ୍ଷେପ ଗ୍ରହଣ କରୁନି। ଏମାନେ ପ୍ରକୃତରେ କେଉଁ ଜାଗାରୁ ଆସିଛନ୍ତି ପ୍ରଶାସନ ପାଖରେ ତାହାର ହିସାବ ନାହିଁ। ଏମାନଙ୍କ ସ୍ଥାୟୀ ପ୍ରମାଣ ପତ୍ର ଓ ଆଧାର କାର୍ଡ ଯାଞ୍ଚ କରାଯାଉନି।

ପର୍ଯ୍ୟଟନସ୍ଥଳୀ ଚାନ୍ଦଲି ପାହାଡ଼ରେ ଜିଲ୍ଲାପାଳ

# ୭ ଦିନରେ ଉନ୍ନୟନ କାମ ତ୍ୱରାନ୍ୱିତ କରିବାକୁ ତାଗିଦ୍

**ଦେଓଗାଁ, ୨୦।୩(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଚାନ୍ଦଲି ପାହାଡକୁ ଜିଲ୍ଲାପାଳ ଗୌରଭ ଶିବାଜୀ ଇସଲୱର ପରିଦର୍ଶନ କରିଛନ୍ତି। ଉକ୍ତ ସ୍ଥଳର ଉନ୍ନୟନ କାର୍ଯ୍ୟର ଅଗ୍ରଗତିକୁ ନେଇ ସେ ତଦାରଖ କରି ସମୀକ୍ଷା କରିବା ସହ ଏହାର ଉନ୍ନୟନ ଉପରେ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗତ ଦୁଇବର୍ଷ ହେଲା ଏହି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଏକ କୋଟି ଟଙ୍କା ଆସି ପଡ଼ିରହିଥିବା ବେଳେ ବିଧାୟକ ନରସିଂହ ମିଶ୍ର ଏହାକୁ ନେଇ ବ୍ଲକରେ ସମୀକ୍ଷା ସମୟରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାପରେ ତତ୍କାଳୀନ ଜିଲ୍ଲାପାଳ ତୁରନ୍ତ ଟେଣ୍ଡର ପ୍ରକ୍ରିୟା କରିବାପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଟେଣ୍ଡର ପ୍ରକ୍ରିୟା ସରିବାର ଇତିମଧ୍ୟରେ ପ୍ରାୟ ତିନିମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ କାର୍ଯ୍ୟର ବିଳମ୍ବତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗତମାସ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ କାମ ବିଳମ୍ବକୁ ନେଇ ଦେଷଣ୍ଡ ଗ୍ରାମବାସୀ ଲିଖିତ ଅଭିଯାଗ କରିଥିଲେ। ସେ ସମୟରେ ଜିଲ୍ଲାପାଳ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ କାମ ଶୀଘ୍ର କରିବାଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ବୁଧବାର ଜିଲ୍ଲାପାଳ ଶିବାଜୀ ଇସଲୱର ଅଚାନକ ଏହି ପ୍ରକଳ୍ପର ପରିଦର୍ଶନ କରି ଉନ୍ନୟନ କାମର ଅଗ୍ରଗତି ଉପରେ ସ୍ଥାନୀୟ କମିଟି, ବ୍ଲକ ପ୍ରଶାସନ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଟେଣ୍ଡର ପାଇଥିବା ଠିକାଦାର କାମ ଆରମ୍ଭ କରି ନଥିବାରୁ ଏ ଦିଗରେ କ୍ଷୋଭ ପ୍ରକାଶ କରି ୭ଦିନ ମଧ୍ୟରେ କାମ ଆରମ୍ଭ ନ ହେଲେ ସମ୍ପୃକ୍ତ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ଥାନୀୟ ସହକାରୀଯନ୍ତ୍ରୀ ପ୍ରଜ୍ଞାପରମିତା ସାବତକୁ ଜିଲ୍ଲାପାଳ ତାଗିଦ କରିଥିବା ଜଣାପଡ଼ିଛି। ସ୍ଥାନୀୟ ବ୍ଲକ ପ୍ରଶାସନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କେତେ ଗୁରୁତ୍ୱ ଦେଉଛି ତାହା ଆଗାମୀ ସମୟ ହିଁ କହିବ। ପରିଦର୍ଶନ ସମୟରେ ଗ୍ରାମପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ, କମିଟି ସଭାପତି ବନମାଳି ମେହେର, ସରପଞ୍ଚ ଯଶୋଦା ମେହେର, ପୂର୍ବତନ ସରପଞ୍ଚ ତଥା କମିଟି ସମ୍ପାଦକ ସ୍ୱୟମ୍ବର ମେହେର ତଥା ଚାନ୍ଦିଲିପାହାଡ ପରିଚାଳନା କମିଟି କର୍ମକର୍ତ୍ତା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।



# ଏବେ ବି ମଣିଷପଣିଆ ବଞ୍ଚିଛି

**ସୋନପୁର, ୨୦।୩ (ସମିସ):** ବୁଧବାର ସୋନପୁର ସହରରେ ଏକ ଦୃଶ୍ୟ ଦେଖି ଏବେ ବି ମଣିଷ ପଣିଆ ବଞ୍ଚିଛି ବୋଲି ପ୍ରମାଣ ମିଳିଛି। ଏକ ତିନି ଚକିଆ ଠେଲା ବା ଟ୍ରଲିରେ ଜଣେ ବୃଦ୍ଧାଙ୍କୁ ବସାଇ ଜଣେ ବୟସ୍କ ବ୍ୟକ୍ତି ଟାଣି ଟାଣି ନେଉଥିଲେ। ତେବେ ତାଙ୍କୁ ପଚାରିବାରୁ ଜଣା ପଡ଼ିଲା ଯେ ସୋନପୁର ବସଷ୍ଟାଣ୍ଡରୁ ଜିଲ୍ଲା ଡାକ୍ତରଖାନାକୁ ଡାକ୍ତର ଦେଖାଇବା ପାଇଁ ବୃଦ୍ଧାଙ୍କୁ ନେଇ ପୁଣି ବସଷ୍ଟାଣ୍ଡରେ ଛାଡିଥିଲେ। ଜ୍ୱର ହେବାରୁ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଅଞ୍ଚଳର ଜଣେ ବୃଦ୍ଧା ଜିଲ୍ଲା ଡାକ୍ତରଖାନାକୁ ଡାକ୍ତର ଦେଖାଇବା ପାଇଁ ଆସିଥିଲେ। ସୋନପୁର ବସଷ୍ଟାଣ୍ଡରେ ଓହ୍ଲାଇଲା ପରେ ଡାକ୍ତରଖାନା ଯିବା ପାଇଁ କୌଣସି ସୁବିଧା ପାଇ ନ ଥିଲେ। କିଛି ଓଟୋ ଚାଳକଙ୍କୁ ପଚାରିବାରୁ ୮୦/୧୦୦ ଟଙ୍କା କହିଥିଲେ। ଏତିକି ଖର୍ଚ୍ଚରେ ଡାକ୍ତରଖାନା ଯିବା ପାଇଁ ତାଙ୍କ ପାଖରେ ସମ୍ବଳ ନ ଥିବାରୁ ସେ ଉପାୟ ଖୋଜୁଥିଲେ। ଏହି ସମୟରେ ସ୍ଥାନୀୟ ବାସିନ୍ଦା ଶେଷଦେବ ବେହେରା ତାଙ୍କ ତିନି ଚକିଆ ଠେଲା ବା ଟ୍ରଲି ଧରି ବସଷ୍ଟାଣ୍ଡରେ ଛିଡା ହୋଇଥିଲେ। ଶେଷଦେବଙ୍କୁ ବୃଦ୍ଧା ଜଣକ ଡାକ୍ତରଖାନା ନେବା ପାଇଁ ଅନୁରୋଧ କରିବାରୁ ସେ ନିଜ ଠେଲାରେ ସେହି ବୃଦ୍ଧାଙ୍କୁ ବସାଇ ଡାକ୍ତରଖାନା ନେଇଥିଲେ। ସୋନପୁର ବସଷ୍ଟାଣ୍ଡରୁ ପ୍ରାୟ ୩ କିଲୋମିଟର ଦୂର ନୂଆ ଡିଏଚ୍‌ଏଚ୍‌କୁ ତାଙ୍କୁ ନେଇ ଡାକ୍ତର ଦେଖାଇ ପୁଣି ବସଷ୍ଟାଣ୍ଡରେ ଆଣି ଛାଡିଥିଲେ। ତେବେ ନିଜର ସାମର୍ଥ୍ୟକୁ ଦେଖି ଶେଷଦେବଙ୍କୁ ବୃଦ୍ଧା ଜଣକ କିଛି ପାରିଶ୍ରମିକ ଦେଇଥିଲେ।



